# ୩୧

# ଭିତ୍ତିଭୂମିର ବିକାଶ ଏବଂ ପର୍ଯ୍ୟଟନ ଅଭିବୃଦ୍ଧି

## INFRA-STRUCTURE DEVELOPMENT AND GROWTH AND TORISM

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଭାରତ ନିଜପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି, କାରଣ ବିଭିନ୍ନତାରେ ଭରା ଭାରତର ବିଭିନ୍ନ କୋଣରେ ଥିବା ପର୍ଯ୍ୟଟନ ସ୍ଥଳଗୁଡ଼ିକ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିଥାଏ । ଏହା ମଧ୍ୟ ସତ୍ୟ ଯେ ଆଜି ମଧ୍ୟ ଆମେ ଆମର ପଡ଼ୋଶୀ ଦେଶ ଯଥା : ଚୀନ, ସିଙ୍ଗାପୁର, ମାଲୟେସିଆ ଓ ଥାଇଲାଣ୍ଡ ଭଳି ଦେଶଗୁଡ଼ିକ ତୁଳନାରେ ପର୍ଯ୍ୟଟନ କ୍ଷେତ୍ରରେ ଅନେକ ପଛରେ ଅଛୁ ।
ଏହି ପାଠରେ ଆମେ ଭିତ୍ତିଭୂମିର ବିକାଶ, ପରିବହନ, ହୋଟେଲ ଆଦି ଭିତ୍ତିଭୂମି ବିକାଶ ସହିତ ପର୍ଯ୍ୟଟନର ସମ୍ପର୍କ ବିଷୟରେ ଆଲୋଚନା କରିବା ।
ପର୍ଯ୍ୟଟନ ପରିଚାଳନା କ୍ଷେତ୍ରରେ ବିଭିନ୍ନ ସ୍ତରରେ ନିୟୋଜିତ ପ୍ରଶିକ୍ଷିତ କର୍ମଚାରୀ, ଗାଇଡ୍ ଏବଂ ପର୍ଯ୍ୟଟନ ସ୍ଥଳ ସମ୍ବନ୍ଧରେ ମଧ୍ୟ ଅଧ୍ୟୟନ କରିବା ।

## ଉଦ୍ଦେଶ୍ୟ

ଏହି ପାଠଟି ପଢ଼ିବା ପରେ ତୁମେ ସକ୍ଷମ ହେବ :

- ପରିବହନ କ୍ଷେତ୍ରରେ ଅଧିକରୁ ଅଧିକ ଉନ୍ନତ ସାଧନ କରିବାର ଆବଶ୍ୟକତା ଉପରେ ପର୍ଯ୍ୟଟନର ପ୍ରଭାବ ସମ୍ବନ୍ଧରେ ବିଶ୍ଳେଷଣ କରିପାରିବ ।
- ପର୍ଯ୍ୟଟକମାନଙ୍କ ପାଇଁ ଆବଶ୍ୟକ ସୁଖ-ସ୍ୱାଚ୍ଛନ୍ଦ୍ୟ ବ୍ୟବସ୍ଥା କରିବା ପାଇଁ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଅତିଥି ସତ୍କାର ସେବା ଆଦିର ଭୂମିକା ସମ୍ବନ୍ଧରେ ମୂଲ୍ୟାୟନ କରିପାରିବ ।
- ସ୍ଥାନୀୟ ଓ ସୁଦୂର ପରିବହନ ବ୍ୟବସ୍ଥା ଓ ପର୍ଯ୍ୟଟନ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରି ଏହାର ମହତ୍ତ୍ୱ ପ୍ରତିପାଦନ କରିପାରିବ ।
- ପର୍ଯ୍ୟଟନ ବ୍ୟବସାୟ ବୃଦ୍ଧି ନିମନ୍ତେ ଟୁର୍ ଗାଇଡ୍ ଓ ଟୁର ଅପରେଟର (ପରିଚାଳକ) ମାନଙ୍କ ଭୂମିକା ସମ୍ବନ୍ଧରେ ମୂଲ୍ୟାୟନ କରିପାରିବ ।

ଟିପ୍ପଣୀ

- ଟ୍ରାଭେଲ୍ ଏଜେନ୍‌ସିରେ ଟୁର ଗାଇଡ୍ ଏବଂ ଟୁର ପରିଚାଳକ ମାନଙ୍କର ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଭୂମିକା ବ୍ୟାଖ୍ୟା କରିପାରିବ ।
- ଋତୁ ଏବଂ ସ୍ଥାନ ପରିପ୍ରେକ୍ଷୀରେ କିପରି ଯାତ୍ରା ପରିଚାଳନା କରାଯାଏ ତା'ର ପ୍ରଭେଦ ନିର୍ଣ୍ଣୟ କରିପାରିବ ।

## ୩୧.୧ ପରିବହନ ଏବଂ ପର୍ଯ୍ୟଟନ :

ପରିବହନ ବ୍ୟବସ୍ଥା ସ୍ଥାନ ଏବଂ ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ଏକ ଯୋଗସୂତ୍ର ସ୍ଥାପନ କରେ । ପର୍ଯ୍ୟଟନ ସ୍ଥଳୀକୁ ପରିବହନ ବ୍ୟବସ୍ଥା ଯୋଗାଇ ଦେଇ ଗୋଟିଏ ଅଞ୍ଚଳକୁ ପର୍ଯ୍ୟଟନର ଦ୍ୱାର ଖୋଲିଦିଏ । ପରିବହନ ବ୍ୟବସ୍ଥା ବିନା ଗୋଟିଏ ଜାଗାର ପର୍ଯ୍ୟଟନ ଆକର୍ଷଣ ଏବଂ ସୁଖ ସୁବିଧା ପାଇଁ ଥିବା ସମ୍ବଳ ଅର୍ଥହୀନ ହୋଇପଡ଼େ । ପରିବହନ ବ୍ୟବସ୍ଥା ନକରି ଗୋଟିଏ କ୍ଷେତ୍ରର ପର୍ଯ୍ୟଟନ ବିକାଶ ସମ୍ବନ୍ଧରେ ଯୋଜନା କରିପାରିବା ନାହିଁ । ରାସ୍ତାଘାଟ, ଯାନବାହନ ଏହି ବ୍ୟବସ୍ଥାର ଗୋଟିଏ ଗୋଟିଏ ଅଂଗ । ଏଥିରେ ଆକାଶ ପଥ, ଜଳ ପଥ ବ୍ୟତୀତ ଅର୍ନ୍ତସ୍ଥଳୀୟ ସଡ଼କ ପଥ, ରେଳପଥ ଓ ରାଜମାର୍ଗ ଆଦି ଅର୍ନ୍ତଭୁକ୍ତ । ଯାନବାହନ ହିସାବରେ ଉଡ଼ାଜାହଜ, ଜାହାଜ, ଷ୍ଟିମର, କାର୍, ଟାକ୍ସି, ଲକ୍‌ଜରୀ ବସ୍ ଏବଂ ଯାତ୍ରୀବାହୀ ରେଳଡ଼ବା ଆଦି ଆବଶ୍ୟକ । ଟାକ୍ସି, କାର୍, ଅଟୋରିକ୍ସା, ଟାଙ୍ଗା, ମୋପେଡ୍ ସାଇକେଲ୍ ଏବଂ ଟ୍ରେନ୍ ସ୍ଥାନୀୟ ପରିବହନ ନିମନ୍ତେ ତାତ୍ପର୍ଯ୍ୟପୂର୍ଣ୍ଣ ଯାହା ବିମାନ ବନ୍ଦର ରେଳଷ୍ଟେସନ୍, ବସଷ୍ଟାଣ୍ଡ ଆଦିରୁ ଯାତ୍ରୀମାନଙ୍କୁ ହୋଟେଲ କିମ୍ବା ପର୍ଯ୍ୟଟନ ସ୍ଥଳକୁ ନେବାଆଣିବା କରିବା ପାଇଁ ବ୍ୟବହୃତ ହୁଏ । ଏଗୁଡ଼ିକ ସହରସ୍ଥିତ ପର୍ଯ୍ୟଟନ ସ୍ଥଳ ନିମନ୍ତେ ପ୍ରୟୋଜନ । ପାର୍ବତ୍ୟାଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀ ପାଇଁ ରୋପୱେ, ବିଦ୍ୟୁତ୍ ଚାଳିତ ଟ୍ରଲି, ଖଚର କିମ୍ବା ଘୋଡ଼ାଗାଡ଼ି ଆଦି ବ୍ୟବହୃତ ହେବାର ଦେଖାଯାଏ । କୌଣସି ଦେଶରେ ଯଦି ସମସ୍ତ ପ୍ରକାରର ବିକଳ୍ପ ପରିବହନ ଓ ଯାନବାହାନ ବ୍ୟବସ୍ଥା ଉପଲବ୍ଧ ହୁଏ ତେବେ ପର୍ଯ୍ୟଟନ ଆକର୍ଷଣୀୟ ହୋଇଥାଏ । ଜାତୀୟ ରାଜପଥ ଗୁଡ଼ିକ ଦ୍ୱାରା ରାଜ୍ୟ ରାଜ୍ୟ ମଧ୍ୟରେ ପରିବହନ ବ୍ୟବସ୍ଥା ପରିଚାଳିତ ହୁଏ । ସେଗୁଡ଼ିକ ଭାରତର ମୁଖ୍ୟ ପରିବହନ କେନ୍ଦ୍ରଗୁଡ଼ିକୁ ପରସ୍ପର ସହିତ ଯୋଡ଼ିଥାଏ । ଗୋଟିଏ ପର୍ଯ୍ୟଟନ କ୍ଷେତ୍ରର ସୀମାଭିତରେ ଥିବା ମୁଖ୍ୟ ରାସ୍ତା ଏବଂ ଏଗୁଡ଼ିକ ସଂଯୋଗ କରୁଥିବା ସହର ମଧ୍ୟରେ ପରିବହନ ବ୍ୟବସ୍ଥା ରାଜ୍ୟ ପରିବହନ ନିଗମ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । କ୍ଷେତ୍ରୀୟ ସ୍ତରରେ ଏହା ଏକ ଗୌଣ ବ୍ୟବସ୍ଥା । ତଳସ୍ତରରେ ପର୍ଯ୍ୟଟକମାନଙ୍କୁ ସ୍ଥାନୀୟ ପରିବହନ ଆବଶ୍ୟକତା ଯୋଗାଇ ଦେବାରେ ଘରୋଇ ପରିବହନ ପରିଚାଳକମାନଙ୍କର ଭୂମିକା ଅଧିକ ଥାଏ ।

ଜଣେ ପର୍ଯ୍ୟଟକ କେବଳ ପର୍ଯ୍ୟଟନ ସ୍ଥଳରେ ପହଞ୍ଚିବାକୁ ନୁହେଁ ସେଠାରେ କମ୍ ଖର୍ଚ୍ଚରେ କମ୍ ସମୟରେ ଏବଂ ଆରାମରେ ପହଞ୍ଚିବାକୁ ଚାହେଁ । ଉଦାହରଣ ସ୍ୱରୂପ କୌଣସି ପାର୍ବତ୍ୟ ପର୍ଯ୍ୟଟନ କେନ୍ଦ୍ରକୁ ପାଗଯୋଗୁଁ ହେଉ ବା ଅନ୍ୟ କୌଣସି ଯାନ୍ତ୍ରିକ ଅସୁବିଧା କାରଣରୁ ଯଦି ଯାଇ ନହେଲା ତେବେ ପର୍ଯ୍ୟଟକମାନଙ୍କ ପାଇଁ ବିକଳ୍ପ ପରିବହନ ବ୍ୟବସ୍ଥା ମହଜୁଦ୍ ଥିବା ଆବଶ୍ୟକ ।

ମୁଖ୍ୟ ଏବଂ ଗୌଣ ପର୍ଯ୍ୟଟନସ୍ଥଳ ମଧ୍ୟରେ ବିଭିନ୍ନ ପ୍ରକାର ସଂଯୋଗ ବ୍ୟବସ୍ଥା ସହଜରେ ଉପଲବ୍ଧ ଥିଲେ ଯାତ୍ରୀମାନଙ୍କ ପାଇଁ ସୁବିଧା ଜନକ ହୁଏ । ଆଜିକାଲି ସଂଖ୍ୟା ଦୃଷ୍ଟିରୁ ଯାତ୍ରୀ ପରିବହନ କରିବାର କ୍ଷମତା ପର୍ଯ୍ୟଟନ ଯାତାୟତର ମାତ୍ରା ନିୟନ୍ତ୍ରଣ କରେ । ଯାତାୟତ କରୁଥିବା ପର୍ଯ୍ୟଟକମାନଙ୍କର ସଂଖ୍ୟା ଏବଂ ବେଗରେ ବୃଦ୍ଧି ବା ହ୍ରାସ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୁଏ । ପରିବହନ କ୍ଷମତା ବୃଦ୍ଧି ବ୍ୟତୀତ ଆରାମଦାୟକ ଯାତ୍ରା, ଉପଯୁକ୍ତ ବେଗ, ରେଳ, ଉଡ଼ାଜାହଜ ଏବଂ ବସ୍ ଭଡ଼ାରେ ରିହାତି ଆଦି ଯାତ୍ରୀମାନଙ୍କୁ ପ୍ରେରଣା ଦେଉଛି ।

ଏହାଦ୍ୱାରା ପର୍ଯ୍ୟଟକଙ୍କ ସଂଖ୍ୟା ଓ ରାଜସ୍ୱ ବୃଦ୍ଧିହୁଏ । ଆକଳନରୁ ଜଣାପଡ଼ିଛି ଯେ ଜଣେ ପର୍ଯ୍ୟଟକ ତା'ର ଆୟର ପ୍ରାୟ ୪୦ ପ୍ରତିଶତ କେବଳ ପରିବହନ ବାବଦରେ ହିଁ ଖର୍ଚ୍ଚ କରିଥାଏ ।

## କ. ଆକାଶପଥ ପରିବହନ : (Air Transport)


ଉଡ଼ାଜାହାଜ ପର୍ଯ୍ୟଟକମାନଙ୍କୁ ଦୂରସ୍ଥାନକୁ ନେବା ଆଣିବା କରେ । ପ୍ରାୟ ୯୨ ପ୍ରତିଶତ ଆନ୍ତର୍ଜାତୀୟ ପର୍ଯ୍ୟଟକ ଆକାଶ ପଥରେ ଭାରତକୁ ଆସିଥାନ୍ତି । ଦେଶ ଭିତରେ ସେମାନଙ୍କ ମଧ୍ୟରୁ ପ୍ରାୟ ୮୨ ପ୍ରତିଶତ ପର୍ଯ୍ୟଟକ ଉଡ଼ାଜାହଜ ଦ୍ୱାରା, ୧୧ପ୍ରତିଶତ ସମୁଦ୍ର ବା ଜଳପଥରେ ଏବଂ ୭ପ୍ରତିଶତ ସଡ଼କ ପଥରେ ଯିବା ଆସିବା କରିଥାନ୍ତି । ୧୯୨୦ ମସିହାରେ ଲଣ୍ଡନରୁ ନ୍ୟୁୟର୍କ ଯିବାପାଇଁ ଜଳପଥରେ ୧୨୦ଘଣ୍ଟା ତୁଳନାରେ ଆଜି ବାୟୁମଣ୍ଡଳର ବହୁ ଉର୍ଦ୍ଧ୍ୱରେ ଉଡୁଥିବା ଆଧୁନିକ ଜେଟ୍ ବିମାନ ଦ୍ୱାରା ମାତ୍ର ୬ଘଣ୍ଟାରେ ଏହି ଦୂରତ୍ୱ ଅତିକ୍ରମ କରି ହେଉଛି । ଏହି ବିମାନ ଗୁଡ଼ିକ ସାଧାରଣତଃ ଘଣ୍ଟାପ୍ରତି ୧୦୦୦କି.ମି. ଗତିରେ ଯାତ୍ରା କରିଥାନ୍ତି ମାତ୍ର ଏଗୁଡ଼ିକ ଅତିବେଗୀରେ ଶବ୍ଦର ଘଣ୍ଟାପ୍ରତି ଗତି ୧୧୯୪କି.ମି. ବେଗରେ ଯିବାର କ୍ଷମତା ରଖିଥାନ୍ତି । ଏପରି ବିମାନ ଗୁଡ଼ିକର ଅଧିକ ସଂଖ୍ୟାରେ ଯାତ୍ରୀ ପରିବହନ କରିବାର କ୍ଷମତା ଏବଂ ବିନା ଅବତରଣରେ ଓ ଅଧିକ ବେଗ ଯୋଗୁ ଆନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ।

ଯାତ୍ରୀ ଭଡ଼ାରେ ରିହାତି, ବିଭିନ୍ନ ଆୟୁବର୍ଗ ପାଇଁ ସୁବିଧାରେ ପାସ୍ ପ୍ରଚଳନ, ପର୍ଯ୍ୟଟନ ଋତୁ ଓ ଏହାର ବାହାରେ ଭିନ୍ନ ଭିନ୍ନ ମୂଲ୍ୟ ପ୍ରଚଳନ ଆଦି ପ୍ରର୍ଯ୍ୟଟନର ବିକାଶରେ ସାହାଯ୍ୟ କରିବ ।

ଧନୀ ଦେଶମାନଙ୍କରୁ ବ୍ୟବସାୟ ନିମନ୍ତେ ଆସୁଥିବା ଉଚ୍ଚବର୍ଗର ପର୍ଯ୍ୟଟକ ଭାରତ ଭିତରେ ଯାତ୍ରା କରୁଥିବାବେଳେ ମଧ୍ୟ ଅଧିକ ଭଡ଼ଦେଇ ବିମାନଯାତ୍ରା କରିବାକୁ ପ୍ରସ୍ତୁତ ଥାଆନ୍ତି । ଏହାର କାରଣ ହେଲା, ସେମାନଙ୍କ ହାତରେ ଥିବା ସ୍ୱଳ୍ପ ସମୟ ମଧ୍ୟରେ ଅଧିକରୁ ଅଧିକ ପର୍ଯ୍ୟଟନ କ୍ଷେତ୍ର ଭ୍ରମଣ କରିବା ଏବଂ ନିଜର ବ୍ୟବସାୟିକ ଚୁକ୍ତି ପୂରଣ କରିବା । ବିମାନ କମ୍ପାନୀଗୁଡ଼ିକ ଦେଉଥିବା ରିହାତି ଭଡ଼ା ଆଦିକୁ ସେମାନେ ଖାତିର କରିନଥାନ୍ତି କାରଣ ସେମାନଙ୍କର ମୁଖ୍ୟ ଚିନ୍ତା ହେଲା ଯେକୌଣସି ପ୍ରକାରେ ସମୟ ବଞ୍ଚାଇବା । ତଥାପି କମ୍ ବଜେଟ୍‌ରେ ଆରାମରେ ଯାତ୍ରା କରୁଥିବା ପର୍ଯ୍ୟଟକମାନଙ୍କ ପାଇଁ ସରକାରୀ ଓ ବେସରକାରୀ ବିମାନ ସେବା ପ୍ରଦାନକାରୀ ସଂସ୍ଥା ରିହାତି ମୂଲ୍ୟରେ ଟିକେଟ୍ ବ୍ୟବସ୍ଥା କରିଥାନ୍ତି କାରଣ ବିମାନରେ ଯାତ୍ରା କରୁଥିବା ଏପରି ପର୍ଯ୍ୟଟକ ମାନଙ୍କର ସଂଖ୍ୟା ଅନ୍ୟମାନଙ୍କ ତୁଳନାରେ ଖୁବ୍ ଅଧିକ । ବିମାନ ସେବାକୁ ଉତ୍ତମ ରୂପେ ପରିଚାଳନା କରିବାପାଇଁ ବିମାନ ଯାତ୍ରା କ୍ଷେତ୍ରରେ ଏକ ବ୍ୟାପକ ପ୍ରୟାସର ସୂତ୍ରପାତ ହେଲାଣି । ଏହାଦ୍ୱାରା ଆମ ଦେଶର ୧୨ଟି ଆନ୍ତର୍ଜାତୀୟ ବିମାନବନ୍ଦର ଗୁଡ଼ିକୁ ଆଦର୍ଶ ବିମାନ ବନ୍ଦରରେ ପରିଣତ କରାଯିବ ଏବଂ ପର୍ଯ୍ୟଟନସ୍ଥଳୀ ନିକଟସ୍ଥ ଅନ୍ୟ ବିମାନ ବନ୍ଦର ଗୁଡ଼ିକୁ ଅଧିକ କାର୍ଯ୍ୟକ୍ଷମ କରାଯିବ । ଏହି ଯୋଜନା ଦ୍ୱାରା ସର୍ବଶେଷରେ ଉତ୍ତରରେ ଅମୃତସର-ଶ୍ରୀନଗର, ଦକ୍ଷିଣରେ ହାଇଦ୍ରାବାଦ-ବେଙ୍ଗାଲୁର-କୋଚି, ପଶ୍ଚିମରେ ଅହମଦାବାଦ-ଗୋଆ ଏବଂ ଉତ୍ତର-ପୂର୍ବରେ ଗୁଆହାଟୀ ବିମାନ ବନ୍ଦର ଗୁଡ଼ିକୁ ସଂଯୋଗ କରାଯିବ । ଏଥିମଧ୍ୟରେ ଦେଶର ଚାରୋଟି ମହାନଗରୀ ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ ଏବଂ କୋଲକାତା ଆନ୍ତର୍ଜାତୀୟ ବିମାନବନ୍ଦର ଗୁଡ଼ିକରେ ସୁବିଧା ସୁଯୋଗର ବିକାଶ କରାଯାଇ ସାରିଲାଣି । ପର୍ଯ୍ୟଟକମାନଙ୍କ ଦ୍ୱାରା ସଦା ସର୍ବଦା ବ୍ୟବହୃତ ବାରଣାସୀ, ଭୁବନେଶ୍ୱର ଏବଂ ଜୟପୁର ସହର ମଧ୍ୟ ଏଥିରୁ ଅଧିକ ଦିନପାଇଁ ବାଦ୍ ପଡ଼ିବେ ନାହିଁ । ଏହା ପରେ ପରେ ନାଗପୁର ବିମାନବନ୍ଦରକୁ ମଧ୍ୟ ଏକ ଆନ୍ତର୍ଜାତୀୟ ବିମାନବନ୍ଦରରେ ପରିଣତ କରାଯିବ । ଏହା ବ୍ୟତୀତ ଦେଶର ୮୫ଟି ଦେଶୀୟ ବିମାନ ବନ୍ଦରରେ ଏବଂ ୨୮ଟି ବେସାମରିକ ବିମାନ ବନ୍ଦର ଅଛି ଯେଉଁଗୁଡ଼ିକ ଛୋଟ ଛୋଟ ଉଡ଼ାଜାହାଜ ଦ୍ୱାରା ବ୍ୟବହୃତ ହୋଇପାରିବ । ଲୋକପ୍ରିୟ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ ବିମାନ ଦ୍ୱାର ସଂଯୋଗ କରିବା ଏପରି ଏକ ଆବଶ୍ୟକତା ହୋଇଗଲାଣି ଯେ, ରାଜ୍ୟ ସରକାର ଗୁଡ଼ିକ ମଧ୍ୟ ଏଦିଗରେ ନୂଆ ନୂଆ ପ୍ରସ୍ତାବ ସହ ଆଗେଇ ଆସିବାର ଦେଖାଯାଇଛି ।

ରାଜସ୍ଥାନ ସରକାର ରାଜ୍ୟରେ ଏପର୍ଯ୍ୟନ୍ତ ଅଖ୍ୟାତ ରହିଥିବା ନୂତନ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ କ୍ଷୁଦ୍ର ବିମାନ ଦ୍ୱାରା ସଂଯୋଗ କରିବା ପାଇଁ କେତେଗୁଡ଼ିଏ ବିମାନ ଅବତରଣ କେନ୍ଦ୍ର ନିର୍ମାଣ କରିବାର ଯୋଜନା ସହ ଆଗୁଆ ପଦକ୍ଷେପ ଗ୍ରହଣ କରିଅଛି । ନିକଟ ଭବିଷ୍ୟତରେ ହିମାଚଳ ପ୍ରଦେଶ ମଧ୍ୟ ଏକ ପର୍ଯ୍ୟଟନ ରାଜ୍ୟ ହିସାବରେ ଆଗକୁ ଆସିବାର ଆଶା ପୋଷଣ କରିଛି । ଏହି ରାଜ୍ୟର ମଧ୍ୟଭାଗରେ ଅବସ୍ଥିତ ମାଣ୍ଡି ଜିଲ୍ଲାର ସୁଦରନଗର ଠାରେ ଏକ ଆନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ କରିବାପାଇଁ ପ୍ରସ୍ତାବ ଗ୍ରହଣ କରିଛି । କୁଲୁ, କାଙ୍ଗ୍ରା ଏବଂ ଶିମଳା ବିମାନ ବନ୍ଦରଗୁଡ଼ିକର ସଂପ୍ରସାରଣ କରି ଏଥିରେ ବଡ଼ ବଡ଼ ଉଡ଼ାଜାହାଜ ଅବତରଣ କରିବାର ସୁବିଧା ସୁଯୋଗ ଯୋଗାଇ ଦେବା ସହ କେତେକ ଘରୋଇ ସଂସ୍ଥାଦ୍ୱାରା ପରିଚାଳିତ ହେଲିକେପ୍ଟର ସେବା, ପୂର୍ବରୁ ୫୫ଟି ହେଲିପ୍ୟାଡ୍ ସହ ଅଭ୍ୟନ୍ତର ଅଞ୍ଚଳ ସହ ସଂଯୋଗ କରିବାର ଏକ ବିରାଟ ଯୋଜନା ପ୍ରଣୟନ ସହ ପ୍ରସ୍ତାବ ଦେଇଛି ।

ଦିଲ୍ଲୀ ଏବଂ ମୁମ୍ବାଇ ୭୦ପ୍ରତିଶତ ଆନ୍ତର୍ଜାତିକ ପର୍ଯ୍ୟଟକ ମାନଙ୍କର ପ୍ରବେଶ ଦ୍ୱାର ହୋଇଥିବାରୁ ଏହି ସହରଦ୍ୱୟ ସେମାନଙ୍କର ଯିବା ଆସିବା ଟିକେଟ ଏବଂ ରହିବାର ବ୍ୟବସ୍ଥା କରିଥାଆନ୍ତି । ଏହି ଦୁଇ ସହରରରେ ବିମାନଗୁଡ଼ିକର ଶତ ପ୍ରତିଶତ ସ୍ଥାନ ଓ ହୋଟେଲ ଗୁଡ଼ିକର କକ୍ଷ ମଧ୍ୟ ପୂର୍ବରୁ ପୂର୍ଣ୍ଣମାତ୍ରାରେ ସଂରକ୍ଷିତ ହୋଇଯାଇଥିବାରୁ, ଏଥିରୁ ସୂଚନା ମିଳୁଛି ଯେ କାର୍ଯ୍ୟବ୍ୟସ୍ତ ବିଦେଶୀ ପର୍ଯ୍ୟଟକ ମାନଙ୍କଦ୍ୱାରା ପୂର୍ବରୁ ଏ ସମସ୍ତ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ହେଉଅଛି । ଭାରତକୁ ଆଜିକାଲି ବିଦେଶୀ ପର୍ଯ୍ୟଟନ ସେମାନଙ୍କର ଭ୍ରମଣ ସୂଚୀରୁ ଏତେ ସହଜରେ ବାହାର କରିଦେଇ ପାରିବେ ନାହିଁ କାରଣ ଆମ ଦେଶ ବର୍ତ୍ତମାନ ବିଶ୍ୱ ପର୍ଯ୍ୟଟକମାନଙ୍କର ପଞ୍ଚ ପସନ୍ଦଯୋଗ୍ୟ ଗନ୍ତବ୍ୟ ସ୍ଥଳ ହୋଇପାରିଛି । ବିଶ୍ୱ ଭ୍ରମଣ ସଂସ୍ଥା ଆକଳନ କରିଛି ଯେ, କେବଳ ଉଚ୍ଚକୋଟୀର ବିମାନ ଯାତ୍ରାର ସୁବିଧା ଯୋଗାଇଦେବା ବ୍ୟତୀତ ବିମାନ ଟିକେଟ୍ ମୂଲ୍ୟରେ ମାତ୍ର ୧୦ପ୍ରତିଶତ ରିହାତି ଦେଲେ ଭ୍ରମଣକାରୀ ପର୍ଯ୍ୟଟକମାନଙ୍କ ସଂଖ୍ୟା ୧୭ ରୁ ୨୨ ପ୍ରତିଶତ ବୃଦ୍ଧି ପାଇବ ।





୩୧.୧ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଚଳା ଚଳପଥ ଓ ବିମାନ ବନ୍ଦର

ଟିପ୍ପଣୀ

## ଖ. ସାମୁଦ୍ରିକ ପରିବହନ : (Ocean Transport)

ଯାତ୍ରୀ ପରିବହନ କ୍ଷେତ୍ରରେ ଦୂରତା ଏବଂ ସମୟ ଦୃଷ୍ଟିରୁ ସାମୁଦ୍ରିକ ପରିବହନ, ବିମାନ ପରିବହନ ତୁଳନାରେ ଯାତ୍ରୀମାନଙ୍କର ପସନ୍ଦଯୋଗ୍ୟ ହୋଇପାରୁନି । ମାତ୍ର ଅଳ୍ପ ଦୂରପାଇଁ ଯେମିତି ଉପକୂଳବର୍ତ୍ତୀ ସମୁଦ୍ରରେ ମୁମ୍ବାଇରୁ ଗୋଆ ପର୍ଯ୍ୟନ୍ତ ବା ଚିଲା ଓ ଭେମନାଡ଼ ହ୍ରଦରେ ଜଳଯାତ୍ରା, ମୁଖ୍ୟ ସ୍ଥଳଭାଗରୁ ଦ୍ୱୀପଗୁଡ଼ିକୁ କିମ୍ବା ଗୋଟିଏ ଦ୍ୱୀପରୁ ଅନ୍ୟ ଏକ ଦ୍ୱୀପକୁ ଯିବାଆସିବା ପାଇଁ ସାମୁଦ୍ରିକ ପରିବହନ ପ୍ରତିଶ୍ରୁତି ସମ୍ଭାବନା ଅଛି । ଦେଶ ଓ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ସମ୍ମଳି ମୂଲ୍ୟ ଦେୟରେ ଆୟୋଜିତ ସମସ୍ତ ଆନୁସଙ୍ଗିକ ସୁବିଧା ସହ କୋଚିରୁ ଲାକ୍ଷାଦ୍ୱୀପ ଏବଂ ଚେନ୍ନାଇ କିମ୍ବା କୋଲକାତାରୁ ପୋର୍ଟବ୍ଲେୟାର ଏବଂ କାର ନିକୋବର ପର୍ଯ୍ୟନ୍ତ ପର୍ଯ୍ୟଟନ ବ୍ୟବସ୍ଥା ବେଶ୍ ଆବୃତ ହେଉଅଛି ।

ପରିଶେଷରେ ଆସାମରେ ପ୍ରବାହିତ ବ୍ରହ୍ମପୁତ୍ର ନଦୀ ଗତିପଥରେ କେତେକ ଅନୁକୂଳ ଅଂଶ ମଧ୍ୟରେ ନୌସଂଚାଳନର ସୁବିଧା କରିପାରିଲେ ପର୍ଯ୍ୟଟକମାନଙ୍କୁ ନୂତନ ଗତିପଥ ଯୋଗାଇ ଦେବାର ବିପୁଳ ସମ୍ଭାବନା ସୃଷ୍ଟି ହୋଇପାରିବ ।




୩୧.୨ ସୁନ୍ଦରବନ ଅଞ୍ଚଳରେ ଜଳପଥ

## ଗ. ସଡ଼କପଥ ଓ ମୋଟର ଚଳାଚଳର ରାସ୍ତା : (Roadways)


ଜଣେ ଧନୀ ବ୍ୟକ୍ତି ଏବଂ ତାଙ୍କର ପରିବାର ନିମନ୍ତେ ବ୍ୟକ୍ତିବିଶେଷ ବା ଘରୋଇ କାର, ଟାକ୍ସି ଆରାମଦାୟକ ଦ୍ରୁତଗାମୀ ଯାତ୍ରାବାହୀ ରେଳବଗି ଓ ସ୍ୱଳ୍ପ ଆୟକାରୀ ଗୋଷ୍ଠୀ ପାଇଁ ୮ରୁ ୩୦ଜଣ ଯାତ୍ରୀ ବହନ କରିପାରୁଥିବା ଆରାମ ଦାୟକ ବସ୍ ଚଳାଚଳ ୧୯୭୦ ମସିହା ଠାରୁ ଲୋକପ୍ରିୟ ହୋଇଆସିଛି । ଜାତୀୟ ରାଜପଥ ଓ ଏହାର ଦୁଇପାର୍ଶ୍ୱରେ ମନୋରମ ପ୍ରାକୃତିକ ଦୃଶ୍ୟରେ ଭରା ବ୍ୟସ୍ତବହୁଳ ରାଜପଥ ଗୁଡ଼ିକରେ ଅବକାଶ ସମୟରେ ଆମୋଦ ପ୍ରମୋଦକାରୀ ଭ୍ରମଣକାରୀ ମାନଙ୍କ ଦ୍ୱାରା ଏପରି ଯାନବାହନର ବ୍ୟବହାର ପର୍ଯ୍ୟଟନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି । ମୋଟର ଚଳାଚଳ ମୁଖ୍ୟ ରାସ୍ତାଗୁଡ଼ିକରେ ସ୍ଥାନ ସ୍ଥାନ ମଧ୍ୟରେ ସୁବିଧା ଓ ଅଳ୍ପ ସମୟରେ ସଂଯୋଗ ସ୍ଥାପନ କରିବାର ସୁଯୋଗ ସୃଷ୍ଟିକରିଛି ।

ଟିପ୍ପଣୀ

ମୁଖ୍ୟ ପର୍ଯ୍ୟଟନସ୍ଥଳ ପର୍ଯ୍ୟନ୍ତ କ୍ଷେତ୍ର ପରିସୀମା ମଧ୍ୟରେ ସମ୍ମିଳିତ ମୂଲ୍ୟ ଦେୟରେ ସମସ୍ତ ଆନୁସଂଗିକ ସୁଖ ସୁବିଧା ସହିତ ଆୟୋଜିତ ପର୍ଯ୍ୟଟନ ବ୍ୟବସ୍ଥା ଦ୍ୱାରା ସ୍ଥାନ ପରିଭ୍ରମଣ, ଦୃଶ୍ୟ ଏବଂ ପରିଦର୍ଶନ ଆଦି ଏହିସବୁ ମଟର ଚଳାଚଳ ଦ୍ୱାରା ବେଶ୍ ସୁବିଧାଜନକ ଏବଂ ଆରାମ ଦାୟକ ହୋଇପାରୁଛି । ଦିଲ୍ଲୀ, ଆଗ୍ରା ଏବଂ ଜୟପୁରକୁ ସଂଯୋଗ କରୁଥିବା ସ୍ୱର୍ଣ୍ଣ ତ୍ରିଭୁଜ ଏପରି ପର୍ଯ୍ୟଟନ ଆବର୍ତ୍ତର ଏକ ଉଦାହରଣ । ନିମ୍ନରେ ଦିଆଯାଇଥିବା ମାନଚିତ୍ରରୁ ଅନୁଧ୍ୟାନ କରିପାରିବ ଯେ ଦେଶର କେମିତି କେତେଗୁଡ଼ିଏ ଏପରି ପର୍ଯ୍ୟଟନ ଆବର୍ତ୍ତ ରହିଛି ଏବଂ କେତେକ ନୂତନ ଆବର୍ତ୍ତ ସୃଷ୍ଟି ହେବାର ସମ୍ଭାବନା ମଧ୍ୟ ଅଛି ।

ମଟର ପରିବହନ ପର୍ଯ୍ୟଟକମାନଙ୍କୁ ଜନଗହଳି ପୂର୍ଣ୍ଣ ସହରର ହୋଟେଲ ଗୁଡ଼ିକୁ ନ ନେଇ ରାଜପଥ ପାର୍ଶ୍ୱରେ ଥିବା ସ୍ୱଳ୍ପ ଭଡ଼ା ନେଉଥିବା ପାନ୍ଥନିବାସ ଗୁଡ଼ିକୁ ନେବାରେ ସାହାଯ୍ୟ କରେ । ବ୍ୟସ୍ତ ବହୁଳ ପର୍ଯ୍ୟଟନ ଋତୁରେ ଏପରି ହାତ ପାହାନ୍ତାରେ ମିଳୁଥିବା ସୁଯୋଗ ଭିଡ଼ ଓ ଗହଳି ଥିବା ବଡ଼ ବଡ଼ ସହରର ବିପର୍ଯ୍ୟସ୍ତ ଟ୍ରାଫିକ୍‌ରୁ ପର୍ଯ୍ୟଟକମାନଙ୍କୁ ରକ୍ଷା କରିବା ସଂଗେ ସଂଗେ ସେମାନଙ୍କର ଅସୁବିଧାକୁ ଲାଘବ କରେ । ଏହା ମଧ୍ୟ ସ୍ୱଳ୍ପ ବଜେଟଧାରୀ ପର୍ଯ୍ୟଟକ ଏବଂ ଛୁଟି କାଟୁଥିବା ଛାତ୍ରମାନଙ୍କୁ ଅଯଥା ଖର୍ଚ୍ଚରୁ ରକ୍ଷାକରେ । ଏହି କାରଣରୁ ଭାରତ ବର୍ତ୍ତମାନ ନୂଆ ସଡ଼କ ପଥ ନିମାଣ ଦିଗରେ ଏବଂ ପୂର୍ବରୁ ଥିବା ରାସ୍ତାଘାଟର ଉନ୍ନତି ପାଇଁ ଅଧିକ ତତ୍ପର ହେଉଛି । ଚାରିରୁ ଛଅ ଟିକିଆ ୫୯୫୨ କି.ମିରୁ ଅଧିକ ଦୈର୍ଘ୍ୟର ରାଜରାସ୍ତା ପର୍ଯ୍ୟଟନ ଶିଳ୍ପର ବିକାଶ ଓ ବର୍ଦ୍ଧିତ ସଂଖ୍ୟାକୁ ଆଖି ଆଗରେ ରଖି ଆମ ଦେଶର ମୁଖ୍ୟ ଚାରିଗୋଟି ମହାନଗରୀକୁ ସଂଯୋଗ କରାଯାଇଛି । ଏହା ସହିତ ଦୁଇଟି ଅଳିନ୍ଦ ମାର୍ଗ ଉତ୍ତରରେ ଶ୍ରୀନଗରକୁ ଦକ୍ଷିଣରେ କନ୍ୟାକୁମାରୀ ଏବଂ ପଶ୍ଚିମରେ ପୋରବନ୍ଦରକୁ ପୂର୍ବରେ ସିଲଚର ସହ ସଂଯୋଗ କରାଯିବାର ଅଛି । ଏହି ଅଳିନ୍ଦ ମାର୍ଗର ଦୈର୍ଘ୍ୟ ଯଥାକ୍ରମେ ୪୦୦୦କି.ମି. ଏବଂ ୩୩୦୦କି.ମି ହେବ ।

ଦ୍ରୁତଗତିରେ ଗଢ଼ି ଉଠୁଥିବା ବହୁ ପଥ ବିଶିଷ୍ଟ ରାଜପଥରେ ବିସ୍ତୃତ ଭାବେ ବସ୍ ଚଳାଚଳ ବ୍ୟବସ୍ଥା ବୃଦ୍ଧି ପାଇଛି । ମାନାଲି-ଲେହ, ଦାର୍ଜିଲିଂ-ଗ୍ୟାଙ୍ଗଟକ୍ ଓ ମାଦୁରାଇ-କୋଡ଼ାଇ କେନାଲକୁ ସଂଯୋଗ କରୁଥିବା ରାଜମାର୍ଗ ଗୁଡ଼ିକୁ ପର୍ଯ୍ୟଟକମାନେ ଖୁବ୍ ରୋମାଞ୍ଚକର ବସଯାତ୍ରା ହିସାବରେ ପସନ୍ଦ କରିନ୍ତି । ଭାରତର ହିମାଳୟ




ଟିପ୍ପଣୀ

ପାର୍ବତ୍ୟାଞ୍ଚଳରେ ସଡ଼କ ପରିବହନକୁ ଅଧିକ ପ୍ରୋତ୍ସାହନ ଦିଆଯାଉଛି କାରଣ ମୋଟର ଚଳାଚଳ ହିଁ ଏପରି ଅଞ୍ଚଳରେ ଅନ୍ୟ ସମସ୍ତ ପରିବହନ ତୁଳନାରେ ସର୍ବଶ୍ରେଷ୍ଠ ସାଧନ ଅଟେ ।

## ଘ. ରେଳ ପରିବହନ : (Rail Transport)

ଦ୍ୱିତୀୟ ମହାଯୁଦ୍ଧର ସମାପ୍ତି ପରଠାରୁ ରେଳ ବିଭାଗ ଦ୍ୱାରା ବ୍ୟବସ୍ଥିତ ପର୍ଯ୍ୟଟକ ଭ୍ରମଣ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଆମ ଦେଶରୁ ବୃହତ୍ ରେଳ ବ୍ୟବସ୍ଥା କମ୍ ସମୟ ଓ ଖର୍ଚ୍ଚରେ ସେ ସମୟରେ ପର୍ଯ୍ୟଟକମାନଙ୍କୁ ନେବାଆଣିବା କରୁଥିଲା । ଏହା ସ୍ୱଳ୍ପ ବଜେଟ୍ ଅନୁସାରେ ବେଶ୍ ଆରାମ ଦାୟକ ଥିଲା କାରଣ ରେଳପରିବହନ ୨୦୦ ରୁ ୫୦୦କି.ମି ଦୂରତ୍ୱରେ ଥିବା ବଡ଼ ବଡ଼ ସହରଗୁଡ଼ିକୁ ସଂଯୋଗ କରୁଥିଲା । ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ସଂଯୋଗ କରୁଥିଲା । ଦେଶରୁ ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଶହ ଶହ କିଲୋମିଟର ଧରି ଦୂରଗାମୀ ରେଳସେବା ମଧ୍ୟ ଉପଲବ୍ଧ ହେଉଥିଲା । ସବୁଠୁ ଜଣାଶୁଣା ଟ୍ରଙ୍କ୍ ରେଳପଥ ମୁମ୍ବାଇ, ଚେନ୍ନାଇ, କୋଲକାତା ଏବଂ ଦିଲ୍ଲୀ ନଗରୀକୁ ପରସ୍ପର ମଧ୍ୟରେ 'ସ୍ୱର୍ଣ୍ଣ ଚତୁର୍ଭୁଜ' (Golden Quadrate) ଆକାରରେ ଏବଂ ଅନ୍ୟ ପକ୍ଷରେ ମୁମ୍ବାଇ କୋଲକାତା ଏବଂ ଦିଲ୍ଲୀ ଚେନ୍ନାଇକୁ ମଧ୍ୟ ତୀର୍ଯ୍ୟକ ଭାବେ ସଂଯୋଗ କରୁଥିଲା ।




Based upon Survey of India Outline Map printed in 1987.
The territorial waters of India extend into the sea to a distance of twelve nautical miles measured from the appropriate base line.
Responsibility for correctness of internal details shown on the map rests with the publisher.


© Government of India copyright, 1987.

ଟିପ୍ପଣୀ

ଅନ୍ୟଏକ ବୃହତ୍ ଶାଖା ରେଳପଥ ତାମିଲନାଡୁର କନ୍ୟାକୁମାରୀ ରୁ ଜାମୁକାଶ୍ମୀରସ୍ଥିତ ଜାମ୍ମୁ-ଉଦ୍ଧାମପୁର (ପରେ ଶ୍ରୀନଗର ଦେଇ ବାରାମୂଳା ପର୍ଯ୍ୟନ୍ତ ବିସ୍ତାର ହେବାକୁ ଥିବା) ପର୍ଯ୍ୟନ୍ତ ନିର୍ମାଣ କରାଯାଇଛି । ପୂର୍ବ ଦିଗରେ ଏହି ରେଳପଥ ସୁଦୂର ଅରୁଣାଚଳସ୍ଥିତ ମୁରକଙ୍ଗସେ ଲେକ୍ ସହିତ ଉତ୍ତର-ପୂର୍ବ-ସୀମାନ୍ତ ରେଳପଥ ଦେଇ ସଂଯୁକ୍ତ ହୋଇଛି ।

ପ୍ରାୟ ସମଗ୍ର ରେଳପଥ ବିଦ୍ୟୁତ୍‌କରଣ କରାଯାଇ ଯାତ୍ରା ପ୍ରଦୂଷଣ ମୁକ୍ତ ଏବଂ ଦ୍ରୁତରେ କରାଯାଇପାରିଛି । ମେଟ୍ରୋନଗରୀ ଗୁଡ଼ିକରେ ମେଟ୍ରୋ ଟ୍ରେନ୍ ଚଳାଚଳ କରାଯାଇ ପର୍ଯ୍ୟଟକମାନଙ୍କ ପାଇଁ ଏକ ଆକର୍ଷଣ ସୃଷ୍ଟି କରାଯାଇପାରିଛି । ଭାରତର ୬୦,୦୦୦କି.ମି ରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ବିଶାଳ ରେଳପଥରେ ଯାତ୍ରା ଦ୍ୱାରା ବିଭିନ୍ନ ପ୍ରାନ୍ତର ସାଧାରଣ ଜନତା ଏବଂ ପ୍ରତ୍ୟେକ ଷ୍ଟେସନ୍‌ରେ ଏକ ସ୍ୱତନ୍ତ୍ର ଦୃଶ୍ୟ, ଶବ୍ଦ ଏବଂ ସୁଗନ୍ଧ ଉପଭୋଗ କରିବାର ସୁଯୋଗ ମିଳିଥାଏ ।

ଭାରତରେ ନୈସର୍ଗିକ ଦୃଶ୍ୟରେ ଭରା ଶୈଳନିବାସ ଯଥା - ସିମଳା, ଉଟ୍ଟୀ (ଉଦଗମଣ୍ଡଳମ୍) ମହାରାଷ୍ଟ୍ରର ମାଥେରାନ୍ ଏବଂ କୋଲକାତାର ଉତ୍ତରକୁ ଅବସ୍ଥିତ ଦାର୍ଜିଲିଂ ୫ଟି ନାରୋଗେଜ୍ ଟ୍ରେନ୍ ଆନନ୍ଦ ଉପଭୋଗକାରୀ ପର୍ଯ୍ୟଟକମାନଙ୍କ ପାଇଁ ସେବା ପ୍ରଦାନ କରିଥାଏ । ଯଥାର୍ଥରେ କୁହାଯାଇଥିବା ଏହି 'ଖେଳନା ଟ୍ରେନ୍' (Toy train) ଗୁଡ଼ିକ ପାହାଚ ଉପରକୁ ଉଠିବା ବେଳେ ବିଭିନ୍ନ ଉଚ୍ଚତାରେ ଭିନ୍ନ ଭିନ୍ନ ମନଲୋଭା ପ୍ରାକୃତିକ ଦୃଶ୍ୟାବଳୀ ଅବଲୋକନ କରିବାର ସୁଯୋଗ ଦିଏ । ଏହି ରେଳପଥଗୁଡ଼ିକ ଅନେକ ପୋଲ, ଶହ ଶହ ସୁଡ଼ଙ୍ଗ ଏବଂ ଝରଣା ଅତିକ୍ରମ କରି ବୁଲି ବୁଲି ଉପରକୁ ଉଠିଥାଏ । ଏବେବି କେତେକ ବାଷ୍ପଚାଳିତ ଇଞ୍ଜିନ୍ ଏହି ଟ୍ରେନ୍‌ଗୁଡ଼ିକୁ ଟାଣିବାରେ ନିୟୋଜିତ ହୋଇଥିବାରୁ ଏହାମଧ୍ୟ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ସଂଗେ ସଂଗେ ସେମାନଙ୍କର ଐତିହାସିକ ସ୍ମୃତିକୁ ଜାଗ୍ରତ କରିଥାଏ । 'ହିମାଳୟ ରାଣୀ' ଭଳି ଏକ ରୋମାଣ୍ଟିକ୍ ନାମଧାରୀ ରେଳଗାଡ଼ି ଏହି ପଥଦେଇ ଚଳାଚଳ କରିଥାଏ ।





ଟିପ୍ପଣୀ

ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ଠାରୁ ରାଜସ୍ଥାନର ଅଲୱାର ପର୍ଯ୍ୟନ୍ତ ଚାଲୁଥିବା ଟ୍ରେନ୍‌ଟି ହେଉଛି ସର୍ବ ପୁରାତନ ବାଷ୍ପିୟ ଇଞ୍ଜିନ୍ ଦ୍ୱାରା ଚାଳିତ ଟ୍ରେନ୍‌ର ଉଦାହରଣ । ୧୩୮କି.ମି ଦୂରତ୍ୱ ଅତିକ୍ରମ କରୁଥିବା ଏହି ଟ୍ରେନ୍‌ଟିର ନାମ ହେଲା 'Fairy queen' ବା ପରୀ ରାଣୀ ଯେ କି ସରିସ୍କା ବ୍ୟାଘ୍ର ଅଭୟାରଣ୍ୟ ମଧ୍ୟଦେଇ ଯାତାୟତ କରିଥାଏ । ଏହି ଟ୍ରେନ୍‌ଟି ମୁଖ୍ୟତଃ କ୍ରମବର୍ଦ୍ଧିଷ୍ଣୁ ପର୍ଯ୍ୟଟନ ମାନଙ୍କର ଆବଶ୍ୟକତା ପୂରଣ କରିଥାଏ ।

ଗୋଟିଏ ନାରୋ ଗେଜ୍ ଟ୍ରେନ୍ ପର୍ବତ ଉପରକୁ ନ ଯାଉଥିଲେ ମଧ୍ୟ ପାହାଡ଼ ଓ ଉପତ୍ୟକା ଅତିକ୍ରମ କରି ପଠାଣ କୋଟ୍ ଠାରୁ ହିମାଚଳ ପ୍ରଦେଶର ଜୋଗିନ୍ଦର ନଗର ପର୍ଯ୍ୟନ୍ତ କାଙ୍ଗା ଉପତ୍ୟକାର ସବୁଜିମାରେ ଭରା ଚା ବଗିଚା ଏବଂ ଧାନକ୍ଷେତ୍ର ମଧ୍ୟଦେଇ ଚଳାଚଳ କରିଥାଏ ।

ମୁମ୍ବାଇ ଠାରୁ ମାଙ୍ଗାଲୋର ପର୍ଯ୍ୟନ୍ତ ଗୋଆ ମଧ୍ୟଦେଇ ନୂତନ କରି ନିର୍ମିତ କଙ୍କଣ ରେଳପଥ (କର୍ଣ୍ଣାଟକ ଓ କେରଳ ସୀମାବର୍ତ୍ତୀ କ୍ଷେତ୍ରରେ) ରେଳପଥ ନିର୍ମାଣର ଏକ ଚମତ୍କାର ନିଦର୍ଶନ । ଏହି ୭୬୦କି.ମି ଦୈର୍ଘ୍ୟ ବିଶିଷ୍ଟ ମନୋରମ ଦୃଶ୍ୟ ଭରା ରେଳପଥର ୧୦ ପ୍ରତିଶତ ଧାରଣା ପୋଲ ଉପରେ କିମ୍ବା ସୁଡ଼ଙ୍ଗ ମଧ୍ୟଦେଇ ବିଛାଯାଇଛି ।

ପ୍ରକୃତପକ୍ଷେ 'ପ୍ୟାଲେସ୍ ଅନ୍ ହ୍ୱିଲସ୍' ନାମକ ଏକ ରାଜକୀୟ ଓ ବିଳାସବ୍ୟସନପୂର୍ଣ୍ଣ ଟ୍ରେନ୍‌ରେ ଆଗ୍ରା ଓ ଦିଲ୍ଲୀ ବ୍ୟତୀତ ରାଜସ୍ଥାନର ମୁଖ୍ୟ ପର୍ଯ୍ୟଟନ ସ୍ଥଳଗୁଡ଼ିକ ଭ୍ରମଣ କରିବା ପାଇଁ ଏକ ସାତଦିନିଆ ଭଡ଼ା ଓ ଆନୁସଂଗିକ ସୁଖ ସୁବିଧା ପାଇଁ ସମସ୍ତ ସମ୍ମିଳିତ ମୂଲ୍ୟଦେୟରେ ପର୍ଯ୍ୟଟନ ବ୍ୟବସ୍ଥା ଉପଲବ୍ଧ କରାଯାଇଛି । ଏହାର ବିଳାସବ୍ୟସନପୂର୍ଣ୍ଣ ବଗି ଗୁଡ଼ିକରେ ସବୁପ୍ରକାର ସ୍ୱାଚ୍ଛନ୍ଦ୍ୟ ଏବଂ ଆତିତ୍ୟ ସେବା ଯାହାକି ପୂର୍ବରେ ଦେଶୀୟ ରାଜ୍ୟଗୁଡ଼ିକର ମହାରାଜାମାନେ ସେମାନଙ୍କର ରାଜପ୍ରାସାଦରେ ଉପଭୋଗ କରୁଥିଲେ ସେ ସମସ୍ତ ଉପଲବ୍ଧ ହୋଇଥାଏ । ଯେଉଁ ପର୍ଯ୍ୟଟକମାନେ କ୍ଷେତ୍ର ପରିଭ୍ରମଣ ଓ ଦର୍ଶନ ସହିତ ଏକ ରାଜପ୍ରାସାଦର ସ୍ୱଚ୍ଛତା ଏବଂ ବିଳାସପୂର୍ଣ୍ଣ ପରିବେଶରେ ଭୋଜନ ଏବଂ ଭ୍ରମଣ କରିବାକୁ ଚାହାଁନ୍ତି ସେମାନଙ୍କ ପାଇଁ ଏହି ଟ୍ରେନ୍‌ର ନାମାନୁସାରେ ସମସ୍ତ ସମ୍ଭାର ଆଶା କରିପାରିବେ । ପର୍ଯ୍ୟଟକମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ବିନା କୌଣସି ପରିବର୍ତ୍ତନ ସହ ଅନେକ ଆକର୍ଷଣୀୟ ସୁବ୍ୟବସ୍ଥା ଥାଇ ୭ରୁ ୯୦ ଦିନ ମଧ୍ୟରେ ଇଣ୍ଡରେଲ୍ ପାସ୍ (Indrail Pass) ନାମକ ଏକ ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟକ କେଉଁ ମାର୍ଗଟି ବାଛିବେ ତାହା ସଂପୂର୍ଣ୍ଣ ଭାବେ ସେମାନଙ୍କ ଉପରେ ଛାଡ଼ ଦିଆଯାଇଛି । ଘରୋଇ ପର୍ଯ୍ୟଟକମାନଙ୍କ ପାଇଁ ଆବର୍ତ୍ତ ରେଳ ଟିକେଟ୍‌ର ବ୍ୟବସ୍ଥା ଅଛି ଯାହା ସାହାଯ୍ୟରେ ଅନ୍ୟାନ୍ୟ ସଂଯୋଗକାରୀ ଟ୍ରେନ୍‌ରେ ସ୍ଥାନ ସଂରକ୍ଷଣ କରାଯାଇଥାଏ ଯଦ୍ୱାରା ଭ୍ରମଣରେ କୌଣସି ଅସୁବିଧା ହେବନାହିଁ । ପର୍ଯ୍ୟଟକମାନେ ପୂର୍ବରୁ ନିର୍ଦ୍ଧାରଣ କରିଥିବା ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯିବାଆସିବା ପାଇଁ ମଧ୍ୟ କାର ବ୍ୟବସ୍ଥା କରାଯାଇଥାଏ ।

ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ୨୫ପ୍ରତିଶତ ବର୍ଥ ସଂରକ୍ଷଣ କରାଯାଇଥିଲେ ମଧ୍ୟ ଯାତ୍ରା କରିବାର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେଭଳି ସଂରକ୍ଷଣ ଦୃଢ଼ ନିଶ୍ଚିତ କରାଯାଇ ନଥାଏ । । ଏହାଦ୍ୱାରା ନିଶ୍ଚିତ ରୂପେ ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହେବେ ଏବଂ ଏହା ପର୍ଯ୍ୟଟନକୁ ଉତ୍ସାହିତ କରିବ ନାହିଁ । କିନ୍ତୁ ଆଜିକାଲି ଏଭଳି ସଂରକ୍ଷଣ କରିବାପାଇଁ ଯଦି କୌଣସି ନିର୍ଭରଯୋଗ୍ୟ ଟୁର୍ ପରିଚାଳକଙ୍କୁ ଦିଆଯାଏ ତେବେ ତାହା ନିଶ୍ଚିତ ହୋଇଥାଏ । ଅବଶ୍ୟ ରେଳଗାଡ଼ିରେ ଥିବା ଖାଦ୍ୟସେବା ବ୍ୟବସ୍ଥା କ୍ଷେତରେ ଆହୁରି ଉନ୍ନତ କରାଯାଇ ଏହାକୁ ଆନ୍ତର୍ଜାତୀୟ ସ୍ତରକୁ ଆଣିବାକୁ ପଡ଼ିବ ।

- ବିଭିନ୍ନ ପ୍ରକାରର ପରିବହନ ବ୍ୟବସ୍ଥା ଏବଂ ପରିବହନ ପଥ ପର୍ଯ୍ୟଟନସ୍ଥଳକୁ ଯିବା ଆସିବା ପାଇଁ ସହଜ ଓ ସୁବିଧା ମାଧ୍ୟମ ।
- ବ୍ୟସ୍ତ ଏବଂ ଦ୍ରୁତଗତି ପସନ୍ଦ କରୁଥିବା ଆକାଶ ପଥରେ ଆସୁଥିବା ଧନୀ ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ସାମାନ୍ୟ ଅଧିକ ଅର୍ଥ ଖର୍ଚ୍ଚ କିଛି ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ ।
- ସ୍ୱଳ୍ପ ବଜେଟଧାରୀ ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ଆକାଶପଥରେ ଯାତ୍ରା ପ୍ରଥମ ପସନ୍ଦ ହୋଇଥିବାରୁ ଉଡ଼ାଜାହାଜ ଭଡ଼ାରେ ରିହାତି ପ୍ରଦାନ ସେମାନଙ୍କୁ ଆକୃଷ୍ଟ କରିଥାଏ ।


ଟିପ୍ପଣୀ

- କେବଳ ଉପକୂଳବର୍ତ୍ତୀ ସମୁଦ୍ରରେ ଜଳଯାତ୍ରା ଏବଂ ଦୃଶ୍ୟ ଉପଭୋଗ କରିବା କିମ୍ବା ନିକଟବର୍ତ୍ତୀ ଦ୍ୱୀପଗୁଡ଼ିକୁ ପରିଭ୍ରମଣ କରିବା ବ୍ୟତୀତ ସମୁଦ୍ରଯାତ୍ରା ତା'ର ପ୍ରାଧାନ୍ୟ ହରାଇଛି ।
- ପର୍ଯ୍ୟଟକ ମାନଙ୍କ ପାଇଁ ଦ୍ରୁତଗାମୀ ବିଳାସପୂର୍ଣ୍ଣ ସୁପରଫାଷ୍ଟ ଟ୍ରେନ୍‌ର ବ୍ୟବସ୍ଥା ଥିଲେ ମଧ୍ୟ ଭାରତର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଭ୍ରମଣ କରିବା ପାଇଁ ଆଜିର ବ୍ୟସ୍ତ ପର୍ଯ୍ୟଟନମାନଙ୍କର ରେଳଯାତ୍ରା ହିଁ ଦ୍ୱିତୀୟ ପସନ୍ଦ ଅଟେ ।
- ୧୯୭୦ ମସିହା ଠାରୁ ମଟରଗାଡ଼ି, ଘରୋଇ କାର୍ ଏବଂ ରାଜପଥରେ ଚାଲୁଥିବା ଆରାମଦାୟକ ବସ୍ ସେବା କିମ୍ବା ଅଳ୍ପଦୂରସ୍ଥ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯିବା ଆସିବା ପାଇଁ ଏଗୁଡ଼ିକର ଚାହିଦା ଏବଂ ଲୋକପ୍ରିୟତା ବଢ଼ିବାରେ ଲାଗିଛି ।
- ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ଯାତ୍ରା ଅଧିକ ଆରାମଦାୟକ ଏବଂ ରାସ୍ତାରେ ଅତିଥି ସେବାକୁ ଅଧିକ ଆକର୍ଷଣୀୟ କରିବା ଦିଗରେ ଅନେକ କାମ କରିବାର ଅଛି ।

## ୩୧.୨ ପର୍ଯ୍ୟଟନ ଭିତ୍ତିଭୂମିରେ ହୋଟେଲର ଭୂମିକା :

ପର୍ଯ୍ୟଟକମାନଙ୍କର ଭିନ୍ନ ଭିନ୍ନ ଆବଶ୍ୟକତା ଓ ରୁଚି ଅନୁସାରେ ରହିବା ପାଇଁ ବିଭିନ୍ନ ଶ୍ରେଣୀର ହୋଟେଲର ଭୂମିକା କିଛି କମନ୍ ନୁହେଁ । ଆତିଥ୍ୟ ପ୍ରଦାନକାରୀ ଦେଶରେ ମିଳୁଥିବା ହୋଟେଲରେ ରହିବା ବ୍ୟବସ୍ଥାର ପ୍ରାଧାନତ୍ୟ ପର୍ଯ୍ୟଟନ ଶିଳ୍ପ ପାଇଁ ଏତେ ଅଧିକ ହୋଇଯାଇଛି ଯେ ଆଜିକାଲି ଏହାକୁ ସ୍ୱତନ୍ତ୍ରଭାବେ ହୋଟେଲର ଶିଳ୍ପ ବୋଲି କୁହାଯାଉଛି । ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ହୋଟଲରେ ଉତ୍କୃଷ୍ଟ କୋଠରୀ ଏବଂ ରେଷ୍ଟୁରାଣ୍ଟ ବ୍ୟବସ୍ଥାର ଚାହିଦା ସର୍ବାଧିକ । ହୋଟେଲ ଭିତରେ ସ୍ଥାନୀୟ ଫାଷ୍ଟ ଫୁଡ୍ (ଚଟାପଟ୍ ଖାଦ୍ୟ) ଯୋଗାଇଦେବାର ବ୍ୟବସ୍ଥା, ସ୍ଥାନୀୟ କଳା, ଚିତ୍ର କିମ୍ବା ହସ୍ତଶିଳ୍ପ ପ୍ରସ୍ତୁତ ଦ୍ରବ୍ୟ ହୋଟେଲ ତରଫରୁ କିମ୍ବା ବାହାର ବ୍ୟବସାୟୀମାନଙ୍କ ମାଧ୍ୟମରେ ଉପଲବ୍ଧ କରାଇବାର ବ୍ୟବସ୍ଥାର ମଧ୍ୟ ଆବଶ୍ୟକତା ଅଛି । ଆନ୍ତର୍ଜାତୀୟ ପର୍ଯ୍ୟଟକମାନଙ୍କର ଭାରତରେ ରହଣିକାଳ ମଧ୍ୟରେ ଏପରି ହୋଟେଲ ଗୁଡ଼ିକୁ ଆମକୁ ମିଳୁଥିବା ବୈଦେଶିକ ମୁଦ୍ରାର ୫୦ପ୍ରତିଶତ ଅର୍ଜନ କରିଥାନ୍ତି । ପ୍ରତ୍ୟେକ ବର୍ଗର ପର୍ଯ୍ୟଟକମାନଙ୍କର ସଂଖ୍ୟାରେ ଅନବରତ ବୃଦ୍ଧିଯୋଗୁ ପର୍ଯ୍ୟଟକ ସ୍ଥଳଗୁଡ଼ିକରେ ରହିବା ପାଇଁ ସ୍ଥାନ ଯୋଗାଡ଼ କରିବା କ୍ଷେତ୍ରରେ ଦେଶସାରା ଅଭାବ ଥିବାର ପରିଲକ୍ଷିତ ହେଉଅଛି । ଭାରତର ହୋଟେଲ ଗୁଡ଼ିକରେ ପ୍ରାୟ ୯୮,୦୦୦ କୋଠରୀ ଉପଲବ୍ଧ ଥିବା ତୁଳନାରେ ଇଣ୍ଡୋନେସିଆରେ ୨୦.୫ ରୁ ୩୬ଲକ୍ଷ କୋଠରୀ ଅଛି । ନୂତନ ଏବଂ ବାସ୍ତବ କ୍ଷେତ୍ରରେ ଥିବା ହୋଟେଲ ଗୁଡ଼ିକରେ ନିର୍ମାଣାଧିନ କୋଠରୀ ସଂଖ୍ୟା ଏବଂ ପର୍ଯ୍ୟଟକଙ୍କ ସଂଖ୍ୟାରେ ବୃଦ୍ଧିହାରକୁ ଲକ୍ଷ୍ୟକଲେ ବର୍ଷକ ମଧ୍ୟରେ ଚାହିଦା ଅନୁସାରେ ଏହିସଂଖ୍ୟା ଅତି ନଗଣ୍ୟ । ଅଧିକ ସଂଖ୍ୟାରେ ହୋଟେଲ ନିର୍ମାଣ ପାଇଁ ଜାଗା ବଣ୍ଟନ ଓ ଭୂ-ବ୍ୟବହାର ନିୟମରେ ପରିବର୍ତ୍ତନ ଏବଂ ଅଧିକ ହୋଟେଲ ନିର୍ମାଣ ପାଇଁ ସରକାରଙ୍କର ଅନୁମତି ପ୍ରଦାନ ଭଳି ଦୁଇଟି ପ୍ରସ୍ତାବ ଅଛି । ମେଟ୍ରୋ ନଗରୀଗୁଡ଼ିକରେ ଜମି ଦର ଦ୍ରୁତ ହାରରେ ବଢୁଛି ଏବଂ ଚାହିଦା ଅନୁସାରେ ହୋଟେଲ ନିର୍ମାଣ ପାଇଁ ବାର୍ଷିକ ପୁଞ୍ଜିଲଗାଣ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି । ଗତ କେତେ ବର୍ଷ ମଧ୍ୟରେ ଏପରି ସହରଗୁଡ଼ିକ ସହ ଯାତାୟତ କ୍ଷେତୟରେ ସଂଯୁକ୍ ନିକଟବର୍ତ୍ତୀ ରାଜପଥ ପାର୍ଶ୍ୱରେ ହୋଟେଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଭୂବ୍ୟବହାର କ୍ଷେତ୍ରରେ ନିୟମର ପରିବର୍ତ୍ତନ ଏବଂ ହୋଟେଲ ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବେ ଜମିପ୍ରଦାନ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ।

ହୋଟେଲଗୁଡ଼ିକରେ ଉପଲବ୍ଧ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଆଧାରକରି ହୋଟେଲଗୁଡ଼ିକୁ କେବଳ ଯେ ତିନିତାରିକାବା ପଞ୍ଚତାରକା ବର୍ଗରେ ବିଭକ୍ତ କରାଯାଇଛି ତା ନୁହେଁ ତା'ଠାରୁ କମ୍ ବା ଅଧିକ ତାରକା ବିଶିଷ୍ଟ ହୋଟେଲ୍‌ର ମାନ୍ୟତା ମଧ୍ୟ ପ୍ରଦାନ କରାଯାଉଛି । ତାଛଡ଼ା ଅଳ୍ପ କିମ୍ବା ବେଶୀ ଅବଧି ବା ଋତୁକାଳୀନ ଭିତ୍ତିରେ ଏଭଳି ଯାତ୍ରୀ ରହିବା ପାଇଁ ସୁବିଧା ଥିବା ସ୍ଥାନକୁ ହୋଟେଲ, ହ୍ରଦରେ ଭାସମାନ ଗୃହ ବା ଶିକାରା ଟୁରୁଷ୍ଟ ବଙ୍ଗଳା, ତମ୍ବୁ କିମ୍ବା

ଟିପ୍ପଣୀ

ଲଜ୍ ବୋଲି କୁହାଯାଉଛି । ଗେଷ୍ଟହାଉସ୍ କିମ୍ବା ଲୋକମାନଙ୍କର ନିଜ ବାସଗୃହମାନଙ୍କରେ ମୂଲ୍ୟଦେୟ ଭିତ୍ତିରେ ପ୍ରାପ୍ୟ ପ୍ରଦାନକାରୀ ଅତି ବା ନିୟୋଗ ଅତିଥି Paying guest ହିସାବରେ ରହିବା ଏବଂ ଖାଇବା ବ୍ୟବସ୍ଥା ମଧ୍ୟ କରାଯାଇପାରୁଛି । ଜଙ୍ଗଲ ଭିତରେ, ଝରଣା ନିକଟବର୍ତ୍ତୀ ସ୍ଥାନରେ, ଯେଉଁଠି ରାତ୍ରୀଯାପନ ପାଇଁ ତମ୍ବୁ ଟଣାଯାଇପାରିବ ବା ଜଳପୂର୍ଣ୍ଣ ହ୍ରଦ ବା ନଦୀରେ ଯେଉଁଠି ନୌକା ବିହାରର ସୁବିଧା ପ୍ରଦାନ କରାଯାଇପାରିବ ସେଠାରେ ମଧ୍ୟ ରହିବା ପାଇଁ ସ୍ଥାନ ନିରୂପଣ କରାଯାଉଛି । ଏପରି ସ୍ଥାନ ଗୁଡ଼ିକୁ ପର୍ଯ୍ୟଟନ ସ୍ଥଳୀ ନିକଟରେ ପର୍ଯ୍ୟଟକମାନଙ୍କ ପାଇଁ ଅନୁକୂଳ ଓ ବନ୍ଧୁତ୍ୱ ପୂର୍ଣ୍ଣସ୍ଥାନ ବୋଲି ବିବେଚନା କରାଯାଏ । ପର୍ଯ୍ୟଟନ ଦୃଷ୍ଟିକୋଣରୁ ପ୍ରାଧାନତ୍ୟ ଥିବା ଅନେକ ସ୍ଥାନରେ ଛୋଟ ଛୋଟ ହୋଟେଲ ଥାଏ ଯେଉଁଥିରେ ସୁଖସୁବିଧା କମ୍ ଉପଲବ୍ଧ ଥାଏ ମାତ୍ର ହୋଟେଲ ନିକଟରେ ଖେଳ କୌତୁକ ଏବଂ ଅନ୍ୟାନ୍ୟ ମନୋରଂଜନ କରିବାର ସୁବିଧା ଥାଏ । ଏହା କୌଣସି ପର୍ଯ୍ୟଟନ ସ୍ଥଳୀରେ କିଛି ସମୟ ପାଇଁ ରହିବା ଏବଂ ମନୋରଂଜନ କରିବାର ସାମ୍ଭାବ୍ୟ ସମସ୍ତ ସୁବିଧା ମଧ୍ୟରେ ନିବିଡ଼ ସଂପର୍କର ଏକ ଉଦାହରଣ ।

ବୃହଦ୍ ଆନ୍ତର୍ଜାତୀୟ ହୋଟେଲ ଗୁଡ଼ିକରେ ସାଧାରଣ ଭାବେ ଉପଲବ୍ଧ ହେଉଥିବା ଉନ୍ନତମାନର ସୁଖସୁବିଧା ଓ ବିଳାସବ୍ୟସନ ବ୍ୟତୀତ ଏଠାରେ ବଡ଼ ବଡ଼ ସମ୍ମିଳନୀ କକ୍ଷ, ଇଣ୍ଟରନେଟ୍ ଓ ଅନ୍ୟାନ୍ୟ ଯୋଗାଯୋଗ ବ୍ୟବସ୍ଥା, ରନ୍ଧନ ଓ ମନୋରଂଜନ ପାଇଁ ଉତ୍ତମ ପରିବେଶ ଏବଂ ଏପରିକି ସ୍ୱାସ୍ଥ୍ୟ କ୍ଲବର ମଧ୍ୟ ବ୍ୟବସ୍ଥା ଥାଏ । ବିଭିନ୍ନ ବିପଣୀ ବଜାର ଏବଂ କିଣାବିକା ଓ ମୁଦ୍ରା ବିନିମୟ କରିବା ଆଦି ବ୍ୟବସ୍ଥା ମଧ୍ୟ ଥାଏ । ଗୋଟିଏ ବୃହତ୍ ହୋଟେଲ କମ୍ପ୍ଲେକ୍ସ ମଧ୍ୟରେ ଥିବା ଅନ୍ୟ ହୋଟେଲ ଗୁଡ଼ିକରେ ଆମେରିକା ଏବଂ ଜାପାନ ଭଳି ଦେଶର ବ୍ୟବସାୟୀମାନେ ହିଁ ରହିଥାନ୍ତି ।  ଏଭଳି ହୋଟେଲଗୁଡ଼ିକ ସମାନ ସ୍ତରର ସେବା ଯୋଗାଉଥିବା ନିଉୟର୍କ, ପ୍ୟାରିସ୍, ଲଣ୍ଡନ ଓ ଟୋକିଓର ହୋଟେଲ୍ ତୁଳନାରେ କମ୍ ଭଡ଼ା ନେଇଥାନ୍ତି । ତେଣୁ ଏପରି ହୋଟେଲ୍ ସେମାନଙ୍କ ପାଇଁ ସୁବିଧା ଜନକ ଓ ଯଥାଯୋଗ୍ୟ ହୋଇଥାଏ ।

ବଡ଼ ବିମାନବନ୍ଦର ନିକଟରେ ଅବସ୍ଥିତ କେତେକ ଏପରି ହୋଟେଲ ଅଛି ଯେଉଁଥିରେ ଆଗନ୍ତୁକ ପର୍ଯ୍ୟଟକ ଏବଂ ନିଜ ଦେଶକୁ ଫେରୁଥିବା ପର୍ଯ୍ୟଟକମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣୀ ବ୍ୟବସ୍ଥା ଯୋଗାଇଥାଏ ।

ମୋଟରଗାଡ଼ିରେ ସ୍ୱତନ୍ତ୍ରଭାବେ ଯାତ୍ରା କରୁଥିବା ପର୍ଯ୍ୟଟକମାନଙ୍କୁ ସେବା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ ଏକପ୍ରକାର ହୋଟେଲକୁ ମୋଟେଲ କୁହାଯାଏ । ଏଗୁଡ଼ିକ ସହର ଉପକଣ୍ଠର ବ୍ୟସ୍ତବହୁଳ ରାଜପଥ କଡ଼ରେ ଦେଖିବାକୁ ମିଳେ । ନିକଟ ଅତୀତ ଦଶନ୍ଧିରେ ମଟର ଗାଡ଼ିରେ ଯାତାୟତ କରୁଥିବା ଯାତ୍ରୀମାନଙ୍କ ସଂଖ୍ୟାରେ ବହୁଳ ବୃଦ୍ଧି ଯୋଗୁ ମୋଟେଲ ଏବଂ ପଥପାର୍ଶ୍ୱରେ ସଦ୍ୟପ୍ରସ୍ତୁତ ଖାଦ୍ୟ ଯୋଗାଇ ଦେଉଥିବା କିଓସ୍କ ଗୁଡ଼ିକର ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ଏଗୁଡ଼ିକ ଯୁକ୍ତରାଷ୍ଟ୍ର ଆମେରିକାରେ ସାଧାରଣତଃ ଦେଖାଯାଇଥାଏ । ପର୍ଯ୍ୟଟକ ଯାତ୍ରୀସଂଖ୍ୟା ଏବଂ ଚଳାଚଳ କରୁଥିବା ମଟର ଗାଡ଼ିସଂଖ୍ୟା ଉପରେ ନିର୍ଭର କରି ଆମ ଦେଶରେ ମଧ୍ୟ ପଥପ୍ରାନ୍ତରେ ମୋଟେଲ ଖୋଲିବା ଧାରଣା ବଳବତ୍ତର ହେଉଅଛି । ମୋଟେଲ ଗୁଡ଼ିକ ବ୍ୟୟବହୁଳ ନୁହଁନ୍ତି ମାତ୍ର ଉତ୍ତମ ସୁବିଧା ପ୍ରଦାନ କରିଥାନ୍ତି । ଉଦାହରଣ ସ୍ୱରୂପ ସେଗୁଡ଼ିକ ନିଜେ ରୋଷେଇକରି ଖାଇବା ପାଇଁ ରନ୍ଧନ ଗ୍ୟାସ ଓ ରୋଷେଇ ସରଞ୍ଜାମ ଯୋଗାଇ ସଂଯୋଗ ଦେଇଥାଆନ୍ତି । ହରିୟାଣା ରାଜ୍ୟରେ ଦିଲ୍ଲୀ ନିକଟବର୍ତ୍ତୀ ଅଞ୍ଚଳରୁ ହିମାଚଳ ପ୍ରଦେଶ ନିକଟବର୍ତ୍ତୀ  ପଞ୍ଚକୁଲା ପର୍ଯ୍ୟନ୍ତ ଗ୍ରାଣ୍ଡଟ୍ରଙ୍କ ଜାତୀୟ ରାଜପଥ ପାର୍ଶ୍ୱରେ ଦିଲ୍ଲୀ ଉପକଣ୍ଠରେ ଅନେକ ଗୁଡ଼ିଏ ମୋଟେଲ ନିର୍ମାଣ କରି ଏକ ସୁନ୍ଦର ଉଦାହରଣ ସୃଷ୍ଟିକରିଛି । ହିମାଚଳ ପ୍ରଦେଶ ଏବଂ ଜାମ୍ମୁ ଓ କାଶ୍ମୀର ରାଜ୍ୟଦ୍ୱୟର ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଏହି ରାଜପଥ ଦେଇ ଯାଉଥିବା ଅଧିକ ସଂଖ୍ୟକ ପର୍ଯ୍ୟଟକମାନଙ୍କ ଯୋଗୁ ହରିୟାଣା ରାଜ୍ୟ ପ୍ରଚୁର ଅର୍ଥ ଉପାର୍ଜନ କରିପାରୁଛି । ହରିୟାଣାରେ କମ୍ ସଂଖ୍ୟକ ପର୍ଯ୍ୟଟନ କ୍ଷେତ୍ର ଥିଲେ ମଧ୍ୟ, ସ୍ଥାନୀୟ ପକ୍ଷୀମାନଙ୍କ ନାମାନୁସାରେ ନାମିତ ମୋଟେଲ ଗୁଡ଼ିକ ବାହାରେ ପର୍ଯ୍ୟଟକମାନେ ନିଜର ଗନ୍ତବ୍ୟ ସ୍ଥଳକୁ ଯିବା ବାଟରେ ବିଶ୍ରାମ ଗ୍ରହଣ କରିବା ପାଇଁ ପ୍ରଲୁବ୍ଧ କରିଥାଏ । ପର୍ଯ୍ୟଟକମାନଙ୍କର ଅବକାଶ ବିନୋଦନ ପାଇଁ ବିଭିନ୍ନ ଗୋଷ୍ଠୀଦ୍ୱାରା ପରିଚାଳିତ ଯୁବ ହଷ୍ଟେଲ, ପାନ୍ଥଶାଳା ଓ ସରାଇଘର ଗୁଡ଼ିକ ବିଭିନ୍ନ ଆୟ ବର୍ଗର ପର୍ଯ୍ୟଟକମାନଙ୍କ ନିମନ୍ତେ ବିଭିନ୍ନ ସ୍ଥାନର ପଥ ପାର୍ଶ୍ୱରେ କାମଚଳା ରହିବା ବ୍ୟବସ୍ଥା ମଧ୍ୟ ଯୋଗାଇ ଦେଇଥାଆନ୍ତି ।

ଟିପ୍ପଣୀ

- କେବଳ ଯାତ୍ରା ପାଇଁ ସୁବିଧା ଯୋଗାଇଦେବା ବ୍ୟତୀତ ବିଭିନ୍ନ ଶ୍ରେଣୀର ହୋଟେଲ ପର୍ଯ୍ୟଟକମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଚାହିଦା ମେଣ୍ଟାଇବା ଆବଶ୍ୟକ ।
- ହୋଟେଲ ରୁମର ଅଭାବ ଦୂର କରିବା ପାଇଁ ହୋଟେଲ ଏବଂ ଏଥିରେ ଥିବା କୋଠରୀ ସଂଖ୍ୟା ବୃଦ୍ଧି ନିମନ୍ତେ ବହୁ ପରିମାଣର ପୁଞ୍ଜି ଲଗାଣ ଆବଶ୍ୟକ ।
- ଯାତ୍ରୀ ପରିଚାଳନା ସଂସ୍ଥା ଓ ହୋଟେଲ ମାଲିକମାନଙ୍କୁ ବିଭିନ୍ନ ସାଂସ୍କୃତିକ ପୃଷ୍ଠଭୂମିରୁ ଆସୁଥିବା ଏବଂ ବିଭିନ୍ନ ସେବା ଆବଶ୍ୟକ କରୁଥିବା ବହୁ ସଂଖ୍ୟକ ପର୍ଯ୍ୟଟକମାନଙ୍କୁ ସେବା ପ୍ରଦାନ କରିବାକୁ ପଡ଼ିବ ।

## ୩୧.୩ ଟୁର କାର୍ଯ୍ୟ ସଂପାଦନ ଏବଂ ପରିଚାଳନା

ପର୍ଯ୍ୟଟନ ପରିଚାଳନା ନିମନ୍ତେ ବହୁସଂଖ୍ୟକ ପ୍ରଶିକ୍ଷିତ ସାହାଯ୍ୟକାରୀ କର୍ମଚାରୀମାନଙ୍କର ଏହାର ବିଭିନ୍ନ ବିଭାଗକୁ ଚଳାଇବା ପାଇଁ ଆବଶ୍ୟକ ହୋଇଥାଏ । ସେମାନେହେଲେ ହୋଟେଲ ଟୁର୍ ଗାଇଡ଼ସ୍, ଯାତ୍ରୀବାହୀ ବସ୍ ପରିଚାଳକ, ଖାଦ୍ୟ ତତ୍ତ୍ୱାବଧାରକ, ମୁଖ୍ୟପାଚକ ଏବଂ ସେମାନଙ୍କୁ ସାହଯ୍ୟ କରିବା ପାଇଁ ସହାୟକଗଣ, ଏମାନଙ୍କ ମଧ୍ୟରେ ଟୁର୍ ପରିଚାଳକ ଓ ଟୁରୁ ମାର୍ଗଦର୍ଶକ ପରିଚାଳନାକ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି । ଏମାନେ ପର୍ଯ୍ୟଟକମାନଙ୍କ ସହିତ ଭ୍ରମଣର ପୂର୍ବରୁ ଏବଂ ଭ୍ରମଣ ଶେଷ ପର୍ଯ୍ୟନ୍ତ ସଂପକରେ ଥାଆନ୍ତି । ପର୍ଯ୍ୟଟକମାନଙ୍କର ସଂଖ୍ୟା ବୃଦ୍ଧି ସହିତ ତାଳଦେଇ ଏହି ଦୁଇ ପେଷାଦାର କର୍ମଚାରୀମାନଙ୍କର ସୁଲଭତା ପର୍ଯ୍ୟଟକମାନଙ୍କର ଆରାମଦାୟକ ରହଣି ସମୟ, ବୃଦ୍ଧି କରିବା ସୁନିଶ୍ଚିତ କରିଥାଏ । ପର୍ଯ୍ୟଟନ ଭଳି ଏକ ସମ୍ବେଦନଶୀଳ ସେବା ଶିଳ୍ପ ଚଳାଇବାକୁ ହେଲେ ସେମାନଙ୍କର ପର୍ଯ୍ୟଟକମାନଙ୍କ ସହିତ ଏକ ସୌହାର୍ଦ୍ଦପୂର୍ଣ୍ଣ ଓ ଫଳପ୍ରଦ ସଂପର୍କ ପ୍ରତିଷ୍ଠା କରିବାର ନିପୁଣତା ଉପରେ ନିର୍ଭର କରେ । ଯଦି ସେମାନେ କାର୍ଯ୍ୟକ୍ଷେତ୍ରରେ ଅନୁପସ୍ଥିତ ବା ରହନ୍ତି ବା ନିଜର ଭୂମିକା ନିର୍ବାହ କରିବାରେ ଖିଲାପ କରନ୍ତି ତେବେ ପର୍ଯ୍ୟଟକମାନଙ୍କର ଆଗମନ କମିବାକୁ ଲାଗେ । ପର୍ଯ୍ୟଟନ ଶିଳ୍ପକୁ ଲୋକପ୍ରିୟ କରିବା ପାଇଁ ଯେଉଁ ପ୍ରଚାର କରାଯାଉଛି ତା ତା'ସତ୍ତ୍ୱେ ପର୍ଯ୍ୟଟନ ଶିଳ୍ପ ଭୁଷୁଡ଼ି ପଡ଼ିବାର ଦ୍ୱାରଦେଶରେ ଉପସ୍ଥିତ । ପର୍ଯ୍ୟଟନ ସ୍ଥଳରେ ସେମାନଙ୍କର ଭୂମିକା ହୋଟେଲ ମାଲିକ ଏବଂ ପେଷାଦାର ହୋଟେଲ ମ୍ୟାନେଜର ସହ ତୁଳନୀୟ ।

### କ. ଟୁର୍ ଗାଇଡ୍ :

ଜଣେ ଟୁର୍ ଗାଇଡ୍ ହିଁ କୌଣସି ସ୍ଥାନପ୍ରତି ପର୍ଯ୍ୟଟକମାନଙ୍କର ଆକର୍ଷଣ ବଢ଼ାଇବାରେ ସାହାଯ୍ୟ କରେ ଏବଂ ସେମାନଙ୍କୁ ପର୍ଯ୍ୟଟନ ସ୍ଥଳୀ ସମ୍ବନ୍ଧରେ ପ୍ରକୃତ ତଥ୍ୟ ଦେଇଥାଏ । ସର୍ବନିମ୍ନ ସ୍ଥାନୀୟ ସ୍ତରରେ ଭ୍ରମଣ ମାର୍ଗଦର୍ଶନ ହିଁ ସମ୍ପୂର୍ଣ୍ଣ ପର୍ଯ୍ୟଟନ ବିକାଶର ମୌଳିକ ଆବଶ୍ୟକତା ।

ଜଣେ ସଫଳ ଟୁର୍ ଗାଇଡର୍ ସମ୍ପୃକ୍ତ ଅଞ୍ଚଳର ଭୂଗୋଳ ପର୍ଯ୍ୟଟନସ୍ଥଳୀର ପୃଷ୍ଠଭୂମି, ଇତିହାସ ଏବଂ ବିଖ୍ୟାତ ଐତିହାସିକ କିମ୍ବଦନ୍ତୀ ବା ବିଖ୍ୟାତ ବ୍ୟକ୍ତି, ମନ୍ଦିର, ଧାର୍ମିକସ୍ଥଳୀ, ସ୍ମାରକୀ, ପୁରାତନ କୋଠାବାଡ଼ି ଓ ଦୁର୍ଗ ଆଦି ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଥିବା ଆବଶ୍ୟକ । ସ୍ଥାନୀୟ ପ୍ରାସଙ୍ଗିକ ଐତିହ୍ୟ, ସଂସ୍କୃତି, ଲୋକକଥା, ଲୋକଗୀତ ପ୍ରଦର୍ଶିତ, ନୃତ୍ୟ ଓ ନାଟକ, ଉତ୍ସବ, ପର୍ବପର୍ବାଣୀ ଓ ମେଳା ଆଦି ବିଷୟରେ ଆକର୍ଷଣୀୟ ବର୍ଣ୍ଣନା ଆଦି ଜଣେ ଉତ୍ତମ ଗାଇଡ୍ ଠାରୁ ଆଶା କରାଯାଏ । ପ୍ରଥମରୁ ପର୍ଯ୍ୟଟନସ୍ଥଳୀର ପରିଚୟ ପ୍ରଦାନ ସ୍ଥାନ ସମ୍ବନ୍ଧରେ କଲାବେଳେ ପ୍ରକୃତ ତଥ୍ୟକୁ ସ୍ପଷ୍ଟରୂପେ କହିଦେବା ଆବଶ୍ୟକ । ଗାଇଡ୍, ପର୍ଯ୍ୟଟକ ମାନଙ୍କ ଭାଷାର କିମ୍ବା ସେମାନେ ବୁଝିପାରୁଥିବା ଭାଷାରେ କଥାବାର୍ତ୍ତା କରିବା ବାଞ୍ଛନୀୟ । ଜଣେ ଅଭିଜ୍ଞ ଟୁର୍ ଗାଇଡ୍ ପର୍ଯ୍ୟଟକମାନେ ଆସିଥିବା କେବଳ ଦେଶଟି ଜାଣିଗଲେ ସେମାନଙ୍କର ରୁଚି ଏବଂ ମନୋଭାବ ସମ୍ବନ୍ଧରେ ଜାଣିବା ପାଇଁ ସକ୍ଷମ ହୋଇଥାଏ ।



ଟିପ୍ପଣୀ

ଏହି ଜ୍ଞାନ ପର୍ଯ୍ୟଟକମାନଙ୍କର ଜିଜ୍ଞାସାର ଉପଯୁକ୍ତ ଉତ୍ତର ଦେବାରେ ସାହାଯ୍ୟ କରେ ଏବଂ ସେମାନଙ୍କୁ ମଧ୍ୟ ଗ୍ରହଣ କରିବାରେ ସୁବିଧା ହୁଏ ଓ ସେମାନେ ସନ୍ତୁଷ୍ଟ ହୋଇଥାନ୍ତି । ତାଙ୍କର ସ୍ଥାନୀୟ କୌଣସି ଚିତାକର୍ଷକ ଘଟଣାର ସଂକ୍ଷିପ୍ତ ବିବରଣୀ କିମ୍ବା କୌଣସି ବ୍ୟକ୍ତି ବିଶେଷଙ୍କର ସ୍ମରଣୀୟ ଅବଦାନ କଥାଛଳରେ ପ୍ରଦାନ କରିବାର ନୈପୁଣ୍ୟତା ତଥା ଆବଶ୍ୟକ । ଯଦି ଗାଇଡ୍ ଜଣକ ତାଙ୍କର କାର୍ଯ୍ୟ ସଂପର୍କରେ ପ୍ରଥମରୁ ପର୍ଯ୍ୟଟକମାନଙ୍କ ମନରେ ଉକ୍ତ ସ୍ଥାନ ପ୍ରତି ଏକ ସ୍ଥାୟୀ ଆକର୍ଷଣରେ ସୃଷ୍ଟିକରିପାରନ୍ତି ତେବେ ଏହା ପରବର୍ତ୍ତୀ ପରିଭ୍ରମଣ ପାଇଁ ପର୍ଯ୍ୟଟକଙ୍କୁ ଉତ୍ସାହିତ କରିଥାଏ ।

ଯେ କୌଣସି ଜଣେ ଟୁର୍ ଗାଇଡ୍‌ଙ୍କର ତୃଟିପୂର୍ଣ୍ଣ କର୍ତ୍ତବ୍ୟ ସମ୍ପାଦନ କେବଳଯେ ତାଙ୍କ ନିଜ ପାଇଁ ବଦନାମ ଆଣେ ତା ନୁହେଁ ସେପରି କାର୍ଯ୍ୟରେ ନିଯୁକ୍ତ ସମସ୍ତ କର୍ମଚାରୀଙ୍କ ପାଇଁ କ୍ଷତିକାରକ ହୋଇଥାଏ । ଏଠାରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲ୍ଲାର ଏକ ନିଭୃତ ଇଲାକାରେ ସ୍ଥାନୀୟ ଆଦିବାସୀମାନେ ଗାଇଡ୍ ଭାବରେ ଏଠାରେ ଥିବା ସୁନ୍ଦର ସୁନ୍ଦର ଚୂନପଥର ଗୁମ୍ଫା ଏବଂ ତା'ର ଛୋଟ ଛୋଟ ଜଳପ୍ରପାତ ଗୁଡ଼ିକୁ ପର୍ଯ୍ୟଟକମାନଙ୍କୁ ଦେଖାଇବା କାର୍ଯ୍ୟରେ ନିଯୁକ୍ତ ହୋଇଥିବାରୁ ଉଦାହରଣ ଦିଆଯାଇପାରେ । ୨୦୦୧ ମସିହା ପର୍ଯ୍ୟନ୍ତ ଗାଇଡ୍ ହିସାବରେ ସେମାନେ ମାସିକ ୭୦୦୦ଟଙ୍କା ପାରିଶ୍ରମିକ ଭାବେ ପାଉଥିଲେ । ପର୍ଯ୍ୟଟକମାନଙ୍କୁ ଚୂନପଥର ଗୁମ୍ଫା ଦେଖାଇବା ପାଇଁ ସେମାନଙ୍କୁ କିରୋସିନି ଲ୍ୟାମ୍ପ ଏବଂ ଟର୍ଚ୍ଚ ଲାଇଟ୍ ବ୍ୟବହାର କରିବାକୁ ପଡୁଥିଲା । ୨୦୦୨ ମସିହାରୁ ସରକାର ଚୂନପଥର ଗୁମ୍ଫା ଗୁଡ଼ିକର ଚଟାଣକୁ ସିମେଣ୍ଟ ଦ୍ୱାରା ପକ୍କା ଏବଂ ଚୂନପଥର ଗୁମ୍ଫା ଭିତରେ ଲାଇଟ୍ ବ୍ୟବସ୍ଥା କରିଦେଲେ । ଏହା ସହିତ ସରକାର ମଧ୍ୟ ସେମାନଙ୍କର ପୂର୍ବ ସେବାପାଇଁ ପାରିଶ୍ରମିକ ବାବଦକୁ ଏକକାଳୀନ ୩୦୦୦ଟଙ୍କା ଲେଖାଏଁ ପ୍ରଦାନ କଲେ । ଏହାଦ୍ୱାରା ସରକାର ଅଧିକ ଅର୍ଥ ଉପାର୍ଜନ କଲା ମାତ୍ର ସ୍ଥାନୀୟ ଆଦିବାସୀମାନଙ୍କର ରୋଜଗାର କମିଗଲା । ଏପରି ଭାବରେ ପର୍ଯ୍ୟଟକ କ୍ଷେତ୍ରରୁ ଅଲଗା କରିଦେବା ଦ୍ୱାରା ଯେଉଁ ଆଦିବାସୀମାନେ ଏହା ଉପରେ ନିର୍ଭର କରି ଚଳୁଥିଲେ ସେମାନଙ୍କୁ ହତାଶ ହେବାକୁ ପଡ଼ିଲା ।

## ଖ. ଟୁର ପରିଚାଳକ : (Travel Manager)

ପର୍ଯ୍ୟଟନ ପରିଚାଳନା ଆଜିକାଲି ଏକ ବିଶେଷ ଜ୍ଞାନ କୌଶଳପୂର୍ଣ୍ଣ କାର୍ଯ୍ୟରୂପେ ପରିଗଣିତ ହେଉଅଛି । ଦିନକୁ ଦିନ ଜଣେ ବ୍ୟକ୍ତି ପକ୍ଷରେ ପର୍ଯ୍ୟଟନ ପରିଚାଳନା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ସଂପାଦନା ଓ ତଦାରଖ କରିବା କଷ୍ଟକର ହେଉଅଛି । ତେଣୁ ଜଣେ ଟୁର୍ ଗାଇଡ୍‌ର କାମ ଠାରୁ ଜଣେ ଟୁର୍ ପରିଚାଳକର କାର୍ଯ୍ୟ ସଂପୂର୍ଣ୍ଣ ରୂପେ ଅଲଗା ।

ଜଣେ ଟୁର୍ ପରିଚାଳକଙ୍କୁ ଯାତ୍ରୀମାନଙ୍କର ଯିବାଆସିବା ପାଇଁ ପରିବହନ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକତା, ଭିସା,। ପ୍ରବେଶ ସମ୍ବନ୍ଧୀୟ କାଗଜପତ୍ର ଏବଂ ଆନୁସଂଗିକ ଔପଚାରିକତା ପୂରଣ କରିବା, ପର୍ଯ୍ୟଟକମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ଆଦି ସମସ୍ତ କାର୍ଯ୍ୟ କରିବାକୁ ପଡ଼ିଥାଏ । ଏପରି ଜଣେ ବ୍ୟକ୍ତିଙ୍କୁ ପର୍ଯ୍ୟଟନ କ୍ଷେତ୍ରରେ ଦିନକୁ ଦିନ ପରିବର୍ତ୍ତିତ ହେଉଥିବା ନୀତି ନିୟମ ସମ୍ବନ୍ଧରେ ଜାଣିବାକୁ ପଡ଼ିବ । ଟୁର୍ ପରିଚାଳକଙ୍କୁ ମଧ୍ୟ ପର୍ଯ୍ୟଟନ ସ୍ଥଳରେ କିମ୍ବା ନିକଟବର୍ତ୍ତୀ ସ୍ଥାନରେ ଟିକେଟ୍ ସଂରକ୍ଷଣ ପରିବହନ ଓ ହୋଟେଲରେ ସ୍ଥାନ ସଂରକ୍ଷଣ କରୁଥିବା ବ୍ୟକ୍ତିମାନଙ୍କ ସହିତ ଏକ ବ୍ୟବସାୟିକ ସଂପର୍କ ସ୍ଥାପନ କରିବାକୁ ପଡ଼ିବ । କୌଣସି ଏକ ଦୁଃସାହସିକ ପର୍ଯ୍ୟଟନ ନିମନ୍ତେ ଆବଶ୍ୟକ ତମ୍ବୁ ସରଞ୍ଜାମ ଓ ଯନ୍ତ୍ରପାତି କେଉଁଠୁ ମିଳିବ ସେ ସମ୍ବନ୍ଧରେ ମଧ୍ୟ ଜାଣିବା ଆବଶ୍ୟକ ।

ଆଜିକାଲି ପର୍ଯ୍ୟଟନ କାର୍ଯ୍ୟକ୍ରମ ଗୁଡ଼ିକୁ ବହୁ ସମୟ ପୂର୍ବରୁ ସ୍ଥିରୀକୃତ କରିବାକୁ ପଡୁଛି । ଜଣେ ବ୍ୟକ୍ତି ଆମୋଦ ପ୍ରମୋଦ ପାଇଁ ବା ବ୍ୟବସାୟ ସଂକ୍ରାନ୍ତୀୟ କାର୍ଯ୍ୟପାଇଁ ଯେକୌଣସି ସମୟରେ ଯେତେବେଳେ ଚାହିଁବ ସେତେବେଳେ ଯାତ୍ରା ଆରମ୍ଭ କରିପାରିବ ଏପରି ସମୟ ଆଉ ନାହିଁ । ଜଣେ ବ୍ୟକ୍ତି କିମ୍ବା ଗୋଟିଏ ଦଳକୁ ଭ୍ରମଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ବହୁ ପୂର୍ବରୁ ସ୍ଥିର କରିବାକୁ ପଡ଼ିବ । ଗୋଟିଏ ମାସରେ ସେମାନଙ୍କୁ କେତୋଟି ମାତ୍ର ନିର୍ଦ୍ଦିଷ୍ଟ ଦିନ ସେମାନେ ଚାହୁଁଥିବା ସ୍ଥାନ ପରିଭ୍ରମଣ କରିବାର ସୁଯୋଗ ମିଳିଥାଏ । କେତେକ

ଟିପ୍ପଣୀ

ପର୍ଯ୍ୟଟନ ସ୍ଥଳ ପର୍ଯ୍ୟଟନ ଋତୁରେ ଭ୍ରମଣ କରିବା ସମ୍ଭବ ହୁଏନାହିଁ କାରଣ ପର୍ଯ୍ୟଟନ ଶିଳ୍ପର ଦ୍ରୁତ ବୃଦ୍ଧି ଯୋଗୁ ଭିଡ଼ ଏତେ ଅଧିକ ହେଉଛି ଯେ ସମସ୍ତଙ୍କୁ ସୁଯୋଗ ମିଳୁନାହିଁ । ଟୁର୍ ପରିଚାଳକଙ୍କୁ ସମୟ ପୂର୍ବରୁ ଅନେକ ଗୁଡ଼ିଏ ଔପଚାରିକତା ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ । ଉଡ଼ାଜାହାଜ, ଟ୍ରେନ୍ କିମ୍ବା ବସ୍‌ରେ ବହୁ ପୂର୍ବରୁ ସ୍ଥାନ ସଂରକ୍ଷଣ ରହିବା ପାଇଁ ହୋଟେଲ କିମ୍ବା ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ଆଦି ଏହାର ଅନ୍ତର୍ଭୁକ୍ତ ।

ଟୁର ପରିଚାଳକମାନେ ମଧ୍ୟ ପର୍ଯ୍ୟଟକମାନଙ୍କୁ ଯାତ୍ରା ମାର୍ଗ ବାଛିବାରେ ରିହାତି ଭଡ଼ା, ଟିକେଟ୍ ବୁକିଂରେ ଯଦି କୌଣସି ନିଷେଧାଜ୍ଞା, ଯାତ୍ରାର ଅବଧି ଇତ୍ୟାଦି ବିଷୟରେ ସାହାଯ୍ୟ କିମ୍ବା ଦିଗଦର୍ଶନ ଦେଇପାରିବେ, କେବଳ ଶସ୍ତା ଉଡ଼ାଜାହାଜ ଟିକେଟ୍ ବ୍ୟତୀତ, ଜଣେ ନିର୍ଭରଯୋଗ୍ୟ ଟୁର୍ ପରିଚାଳକ ଯାତ୍ରୀମାନଙ୍କର ପର୍ଯ୍ୟଟନ ସ୍ଥଳରେ ବା ବନ୍ଦରରେ ସୁରକ୍ଷିତ ପହଞ୍ଚିବା ପ୍ରତି ମଧ୍ୟ ଧ୍ୟାନ ଦେଇଥାଆନ୍ତି । ଯଦି କୌଣସି ପର୍ଯ୍ୟଟକଙ୍କର ଖାଦ୍ୟ, ଯାତ୍ରାକାଳୀନ ଜୀବନବୀମା, ଫଟୋ ଉଠାଇବା ପାଇଁ ସୁବିଧା ସୁଯୋଗ, ପସନ୍ଦ ଯୋଗ୍ୟ ଉଡ଼ାଜାହାଜରେ ସଂରକ୍ଷଣର ନିଶ୍ଚିତତା ଆଦି ଏଭଳି କିଛି ସ୍ୱତନ୍ତ୍ର ଆବଶ୍ୟକତା ଥାଏ, ତେବେ ଟୁର୍ ପରିଚାଳକ ମଧ୍ୟ ଏସବୁର ବ୍ୟବସ୍ଥା ସମୟ ଥାଉ ଥାଉ କରିଥାନ୍ତି ।

### ଗ. ଟୁର୍ ଗାଇଡ୍ ଏବଂ ଟୁର୍ ପରିଚାଳକମାନଙ୍କର ପ୍ରଶିକ୍ଷଣ ବ୍ୟବସ୍ଥା :

ଏହି ଦୁଇଟି କାର୍ଯ୍ୟପାଇଁ ଏକ ନିୟମିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ସର୍ବପ୍ରଥମେ କେତେଗୁଡ଼ିଏ ଆବଶ୍ୟକ କର୍ମ କୌଶଳ ଓ ଦକ୍ଷତା ହାସଲ କରିବାକୁ ପଡ଼ିବ । ଏହି ଦୁଇଟି କାର୍ଯ୍ୟରେ କାର୍ଯ୍ୟରତ ଉଭୟ କର୍ମଚାରୀ ଜଣେ ପ୍ରଶିକ୍ଷିତ ଅଧିକାରୀଙ୍କ ସହ କାର୍ଯ୍ୟ କଲାବେଳେ ପ୍ରକୃତ କର୍ମକ୍ଷେତ୍ରରୁ ଆହୁରି ଅଧିକ କର୍ମକୌଶଳ ହାସଲ କରିପାରିବେ । ପରେ ପରେ ତାଲିମ୍ ପାଉଥିବା ବ୍ୟକ୍ତିମାନଙ୍କୁ କୌଣସି ଏକ ଟ୍ରାଭେଲ୍ ଏଜେନ୍‌ସି ସହ ଯୋଡ଼ି ଦିଆଯାଏ ଯେଉଁଠି ସେମାନେ ସ୍ୱାଧୀନ ଭାବରେ ଅନେକ କର୍ମ କୁଶଳତା ବିସ୍ତୃତ ଭାବରେ ଶିଖିପାରିବେ । ଏପରି ବ୍ୟବସ୍ଥା ଏହି ଦିଗରେ ଦ୍ୱିତୀୟ ମୁଖ୍ୟ ପଦକ୍ଷେପ ବୋଲି ଧରାଯାଏ । ତା'ପରେ ଏମାନଙ୍କୁ ପର୍ଯ୍ୟଟନର ସମସ୍ତ କାର୍ଯ୍ୟପନ୍ଥା କିମ୍ବା କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ପାଇଁ ପର୍ଯ୍ୟଟନର ସମସ୍ତ ଦିଗଗୁଡ଼ିକ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଏ । ଏହାର ତୃତୀୟ ପଦକ୍ଷେପ ଭାବେ ଜଣେ ପ୍ରଶିକ୍ଷିତ ଗାଇଡ୍ କିମ୍ବା ଟୁର୍ ପରିଚାଳକ ହେବାପାଇଁ ସେମାନଙ୍କୁ ଏକ ପରୀକ୍ଷା ଦେବାକୁ ପଡ଼େ । ରାଜସ୍ଥାନ ଯେମିତି ହିମାଳୟ ପାର୍ବତ୍ୟାଞ୍ଚଳ ଠାରୁ ଅଲଗା ସେହିଭଳି ସମୁଦ୍ର ବେଳାଭୂମି, ମନ୍ଦିର ଅନ୍ୟାନ୍ୟ ସାଂସ୍କୃତିକ ସ୍ଥଳୀଠାରୁ ଭିନ୍ନ ହୋଇଥାଏ । ତେଣୁ ଏମାନେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାପାଇଁ ପ୍ରଶିକ୍ଷିତ ହେବା ଆବଶ୍ୟକ ।

### ଘ. ଟ୍ରାଭେଲ ଏଜେନ୍‌ସି : (Travel Agencies)

ଗୋଟିଏ ଟ୍ରାଭେଲ ଏଜେନ୍‌ସିରେ ଟୁର୍ ମ୍ୟାନେଜର୍ ସବୁଠୁ ଉଚ୍ଚ ପଦବୀରେ ଓ ଟୁର୍ ଗାଇଡ୍, ଟୁର୍ ପରିଚାଳକ ଏବଂ ଟ୍ରାଭେଲ ଏଜେଣ୍ଟମାନେ ତଳିଆ କର୍ମଚାରୀ ଭାବରେ କାମ କରିଥାନ୍ତି । ଅନ୍ୟ ପକ୍ଷରେ କହିବାକୁ ଗଲେ ସମସ୍ତଙ୍କୁ ନେଇ ଟ୍ରାଭେଲ ଏଜେନ୍‌ସି ଏକ ଟିମ୍ ଭାବରେ କାର୍ଯ୍ୟକରେ । ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ଭିନ୍ନ ଭିନ୍ନ ଭୂମିକାରେ ଜଣେ ପର୍ଯ୍ୟଟକଙ୍କ ସହ ଭ୍ରମଣ ପାଇଁ ପ୍ରସ୍ତୁତ ଠାରୁ ରହଣୀ ଏବଂ ସେ ନିଜର ଗୃହକୁ ପ୍ରତ୍ୟାବର୍ତ୍ତନ କରିବା ପର୍ଯ୍ୟନ୍ତ ସଂପୃକ୍ତ ଥାଆନ୍ତି । ପର୍ଯ୍ୟଟକମାନଙ୍କର ଯାତ୍ରା ଓ ରହଣୀ ଆରାମଦାୟକ ଏବଂ ତୃପ୍ତିଦାୟକ ହେବାପାଇଁ ଏଜେନ୍‌ସି ଭ୍ରମଣ ଆରମ୍ଭ ହେବାର ପୂର୍ବରୁ ତା'ର କର୍ମଚାରୀମାନଙ୍କୁ ପର୍ଯ୍ୟଟକମାନଙ୍କ ସହିତ ଯୋଗାଯୋଗ କରିବାପାଇଁ ଆଦେଶ ପ୍ରଦାନ କରିଥାନ୍ତି । ଏହି ଏଜେନ୍‌ସି ମଧ୍ୟ ଅନ୍ୟ ସ୍ଥାନରେ କାମ କରୁଥିବା ଏଜେନ୍‌ସି ଗୁଡ଼ିକ ସହିତ ଯୋଗାଯୋଗ ରଖିଥାଆନ୍ତି । ଟ୍ରାଭେଲ୍ ଏଜେନ୍ସିର ଏପରି ଭୂମିକା ନିର୍ବାହ ଦ୍ୱାରା ପର୍ଯ୍ୟଟକମାନଙ୍କର ରହଣୀ ଅବଧି ଅଧିକ ହୋଇଥାଏ କାରଣ ସେମାନେ ଗୋଟିଏ ପର୍ଯ୍ୟଟନ ସ୍ଥଳୀରୁ ଅନ୍ୟ ଏକ ଦର୍ଶନୀୟ ସ୍ଥାନକୁ ଯିବାପାଇଁ ବ୍ୟଗ୍ର ଥାଆନ୍ତି । ସର୍ବଶେଷରେ ଏପରି ବ୍ୟବସ୍ଥା ଭାରତୀୟ ପର୍ଯ୍ୟଟନର ଅନ୍ତଃନିହିତ ସମ୍ଭାବନା ସମ୍ବନ୍ଧରେ ପର୍ଯ୍ୟଟକମାନଙ୍କୁ ଜଣାଇବା ଏବଂ ବାରମ୍ବାର ଆକର୍ଷିତ କରିବା ଉଦ୍ଦେଶ୍ୟରେ କରାଯାଇଥାଏ ।

ଟ୍ରାଭେଲ ଏଜେନ୍‌ସି ଗୁଡ଼ିକର ଶାଖା ସମସ୍ତ ପର୍ଯ୍ୟଟନ ସ୍ଥଳୀରେ କାର୍ଯ୍ୟକାରୀ ହୋଇଥାଏ ଏବଂ ସେମାନେ ସମସ୍ତ ତଥ୍ୟ ପରସ୍ପରକୁ ଜଣାଇବା ପାଇଁ ଦ୍ରୁତ ଯୋଗାଯୋଗ ବ୍ୟବସ୍ଥାର ସାହାଯ୍ୟ ନେଇଥାଆନ୍ତି । ଏଭଳି



ଟିପ୍ପଣୀ

ସଂସ୍ଥାଗୁଡ଼ିକ ଗୋଟିଏ ଦଳପାଇଁ ଏକ ନିର୍ଦ୍ଦିଷ୍ଟ ପଥରେ ଖାଦ୍ୟ, ଯାତ୍ରାଭଡ଼ା ଓ ରହଣୀରେ ରିହାତି ଦେଇ ଏକ ସର୍ବଭିତ୍ତିକ ଭ୍ରମଣ ବ୍ୟବସ୍ଥାର ଆୟୋଜନ କରିଥାନ୍ତି । ଏମିତି ଆୟୋଜନ ମୁଖ୍ୟତଃ ଦୁର୍ଗମ ଓ କଷ୍ଟଦାୟକ ହିମାଳୟ ପାର୍ବତ୍ୟାଞ୍ଚଳରେ ସୁଖ ସୁବିଧାର ଅଭାବ ଥିବା ଅଞ୍ଚଳ ପାଇଁ ସାହାଯ୍ୟକାରୀ ହୋଇଥାଏ । ଏଜେନ୍‌ସି ଗୁଡ଼ିକୁ ଯାତ୍ରୀମାନଙ୍କ ତରଫରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ଦେଶକୁ ପ୍ରବେଶ ପାଇଁ ଅନୁମତି ପତ୍ର, ଭିସା ସାର୍ଟିଫିକେଟ୍ ଏବଂ ବୈଦେଶିକ ମୁଦ୍ରା ବିନିମୟ ପାଇଁ ସମ୍ମତି ସୂଚକ ଆଦେଶ ପ୍ରଦାନ ନିମନ୍ତେ ଅନୁରୋଧ କରିଥାନ୍ତି । ଦୂରଯାତ୍ରା ପାଇଁ ସ୍ଥାନ ସଂରକ୍ଷଣ, ରେଳଷ୍ଟେସନ୍ କିମ୍ବା ବିମାନ ବନ୍ଦର ଠାରୁ ହୋଟେଲ ପର୍ଯ୍ୟନ୍ତ ଯାତ୍ରା ଆଦି ବିରକ୍ତିପୂର୍ଣ୍ଣ ଓ କଷ୍ଟଦାୟକ କାମଗୁଡ଼ିକୁ ଏଜେନ୍ସି ତା'ର ଶାଖା କାର୍ଯ୍ୟାଳୟ ସହିତ ଯୋଗାଯୋଗ ମାଧ୍ୟମରେ ସଂପାଦନ କରିଥାନ୍ତି । ଟ୍ରାଭେଲ ଏଜେନ୍‌ସି ଗୁଡ଼ିକ ମଧ୍ୟ ସ୍କିଙ୍ଗ୍ ହେଲିକେପ୍ଟରରୁ ଡ଼ିଆଁ, ପର୍ବତାରୋହଣ ଏବଂ କେକେନ୍ ଆଦି ସେବନ କରିବା କିମ୍ବା ଅସ୍ୱାଭାବିକ ଶବ୍ଦ କରିବା ପାଇଁ ଆଗ୍ରହ ଥିବା କୌଣସି ଏକ ପର୍ଯ୍ୟଟକ ଦଳ ଏବଂ ଏସବୁ ଦୁଃସାହସିକ କ୍ରୀଡ଼ା ସମ୍ବନ୍ଧରେ ପ୍ରଶିକ୍ଷଣ ଏବଂ ପରିଚାଳନା କରୁଥିବା ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନ କରି ଏସବୁର ଆୟୋଜନ କରିଥାନ୍ତି । ପର୍ଯ୍ୟଟକମାନଙ୍କୁ ସ୍ଥାନୀୟ ବସ୍ତ୍ର, ହସ୍ତଶିଳ୍ପ ନିର୍ମିତ ବସ୍ତୁ ଓ ଚିତ୍ରକଳା ଆଦି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିକ୍ରୟ କେନ୍ଦ୍ର କିମ୍ବା ଅସଲି ଜିନିଷ ବିକୁଥିବା ଦୋକାନ ଗୁଡ଼ିକରୁ କିଣାଇ ଦେବାରେ ମଧ୍ୟ ସାହାଯ୍ୟ ପାଇଁ ହାତ ବଢ଼ାଇ ଥାଆନ୍ତି । ଟ୍ରାଭେଲ୍ ଏଜେନ୍‌ସି ଗୁଡ଼ିକର କାର୍ଯ୍ୟମଧ୍ୟ ବଢ଼ିବାରେ ଲାଗିଛି କାରଣ ପର୍ଯ୍ୟଟନ ସ୍ୱୟଂ ଅନେକ ଶାଖା ଓ ଉପଶାଖାରେ ବିଭକ୍ତ ହୋଇ ବହୁଗୁଣିତ ହେବାରେ ଲାଗିଛି । ପର୍ଯ୍ୟଟନମାନଙ୍କର ଭିନ୍ନ ଭିନ୍ନ ରୁଚି ହିଁ ଏହାର ପ୍ରକୃତ କାରଣ ଅଟେ । ଟ୍ରାଭେଲ୍ ଏଜେନ୍‌ସି ଗୁଡ଼ିକ ମୁଖ୍ୟ ମଧ୍ୟସ୍ଥି ହିସାବରେ ଦନ୍ତ ଚିକିତ୍ସକ ଏବଂ ଆୟୁର୍ବେଦିକ ମାଲିସ୍ ସେବା ଏବଂ ଯୋଗ ପ୍ରଶିକ୍ଷଣ ଦେଉଥିବା ସଂସ୍ଥାଗୁଡ଼ିକ ସହିତ ସମ୍ପର୍କ କରିଥାନ୍ତି । ଏହାଦ୍ୱାରା ପର୍ଯ୍ୟଟକମାନଙ୍କ ମଧ୍ୟରେ ନୂତନ କରି ସୃଷ୍ଟି ହୋଇଥିବା ରୁଚିଗୁଡ଼ିକୁ ପ୍ରୋତ୍ସାହିତ କରିବା ଦିଗରେ ଯତ୍ନ ନେଇଥାଏ ।

ଟୁର୍ ମ୍ୟାନେଜର ତତ୍ତ୍ୱାବିଧାରକ ଭାବରେ ଟ୍ରାଭେଲ୍ ଏଜେନ୍‌ସିର ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିଥାଏ । ଏହା ସେମାନଙ୍କର ଦାୟିତ୍ୱର ଏକ ଅଂଶ ଯେଉଁଥିରେ ସେ କେବଳ ଦୈନିକ କାର୍ଯ୍ୟାବଳୀ ସମ୍ବନ୍ଧରେ ଚିନ୍ତା ନକରି ଅନ୍ୟାନ୍ୟ ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହ କରୁଥିବା ସଂସ୍ଥାଗୁଡ଼ିକ ସହିତ କ୍ରମବର୍ଦ୍ଧିଷ୍ଣୁ ସଂପର୍କ ସୁଦୃଢ଼ କରିବା ମଧ୍ୟ ଆବଶ୍ୟକ ହୋଇଥାଏ । ସେମାନଙ୍କୁ ମିଳୁଥିବା ସମସ୍ତ ଆବଶ୍ୟକ ତଥ୍ୟ ଏଜେନ୍‌ସିକୁ ଦେବାର ତଦାରଖ ମଧ୍ୟ କରିଥାନ୍ତି । ଅନ୍ୟପକ୍ଷରେ ଏପରି ମିଳୁଥିବା ସୂଚନା ମଧ୍ୟ ସାଂଖ୍ୟିକ ତଥ୍ୟ ଭିତ୍ତିକ ହୋଇଥାଏ । ଏହା ପର୍ଯ୍ୟଟନ ବ୍ୟବସ୍ଥାକୁ ସୁଧାରିବାରେ ସାହାଯ୍ୟ କରେ । ବାକି ରହିଯାଉଥିବା ତଥ୍ୟକୁ ମଧ୍ୟ ପୂର୍ଣ୍ଣ କରିଥାଏ । ସମୟ ସମୟରେ ପର୍ଯ୍ୟଟନ ନୀତିରେ ଆବଶ୍ୟକ ପରିବର୍ତ୍ତନ ଆଣିବା ପାଇଁ ସରକାରୀ ଏଜେନ୍‌ସି କିମ୍ବା ବିଭାଗ ଗୁଡ଼ିକୁ ମଧ୍ୟ ଜଣାଇଥାନ୍ତି ।

## ୩୧.୪ ଋତୁଭିତ୍ତିକ ଏକ ଗନ୍ତବ୍ୟସ୍ଥଳୀ ଆଧାରିତ ପରିଚାଳନା

ସାଧାରଣ ଗନ୍ତବ୍ୟସ୍ଥଳୀ ଆଧାରରେ ପରିଚାଳିତ ପର୍ଯ୍ୟଟନ ବ୍ୟବସ୍ଥାରର ବିପରୀତ କିଛି ସ୍ଥାନ ଏକ ନିର୍ଦ୍ଦିଷ୍ଟ ଋତୁରେ ପରିଭ୍ରମଣ କରିବା ପାଇଁ ଉପଯୁକ୍ତ ହୋଇଥାଏ । ହିମାଚଳ ପ୍ରଦେଶର ଉତ୍ତର ଭାଗରେ ଅବସ୍ଥିତ ଲାହୁଲ-ସ୍ପିତି, ଯାହା ହିମାଳୟର ଦୁର୍ଗମ ଅଭ୍ୟନ୍ତରସ୍ଥିତ ଅଞ୍ଚଳରେ ଅବସ୍ଥିତ ଓ କାଶ୍ମୀରରେ ଅବସ୍ଥିତ ଲାଦାଖ-ଜାସ୍‌କର ଭଳି ଅତ୍ୟୁଚ୍ଚ ଏବଂ ଦୁର୍ଗମ ଏହାର ଏକ ଉଦାହରଣ । ଏହି ଅଞ୍ଚଳ ଏଠାକାର କଠୋର ଓ ବହୁ ଦିନ ଧରି ଲାଗି ରହିଥିବା ଶୀତ ଯୋଗୁ ବରଫାଚ୍ଛାଦିତ ରହେ ଏବଂ ରାସ୍ତା ଅବରୋଧ ହୋଇ ଯିବା କାରଣରୁ ରାଜ୍ୟର ଅନ୍ୟସ୍ଥାନ ଗୁଡ଼ିକ ଠାରୁ ବିଚ୍ଛିନ୍ନ ହୋଇଯାଏ । ପ୍ରକୃତ ପକ୍ଷେ କେବଳ ଦୁଃସାହସିକ ପର୍ଯ୍ୟଟନମାନେ ଏଠାକୁ କେବଳ ସ୍ୱଳ୍ପକାଳୀନ ଗ୍ରୀଷ୍ମଋତୁରେ ହିଁ ଆସିଥାଆନ୍ତି । ଶୀତଋତୁରେ ଏହାର ପରିବେଶ ନୀରସ ଏବଂ ଉଦ୍ଭିଦ ବିହୀନ ଏବଂ ବହୁରଂଗ ବିଶିଷ୍ଟ ଶିଳା ଓ ଭୀଷଣ ଥଣ୍ଡା ବାୟୁ ଅସ୍ୱାସ୍ଥ୍ୟକର ହୋଇଥାଏ । ଏହି କାରଣ ଯୋଗୁ ଗ୍ରୀଷ୍ମଋତୁ ଓ ବର୍ଷା ହେଉଥିବା ମାସରେ ଏଠାକୁ ଆସିବାର ଉପଯୁକ୍ତ ସମୟ ହୋଇଥାଏ ।



ଟିପ୍ପଣୀ

ଉକ୍ତ ଅଞ୍ଚଳ ମୌସୁମୀ ବାୟୁର ବୃଷ୍ଟିଛାୟା ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ ଏହି ସମୟରେ ଭ୍ରମଣ କରିବା ଅନୁକୂଳ ହୋଇଥାଏ, ମାତ୍ର ସେ ସମୟରେ ରାଜ୍ୟଗୁଡ଼ିକର ଦକ୍ଷିଣାଂଶରେ ପ୍ରଚୁର ବର୍ଷା ହୋଇଥାଏ । ଯେକୌଣସି ଟୁର୍ ଅପରେଟର୍ ବର୍ଷର ଏହି ସମୟରେ ନିଷ୍ଠାବାନ୍ ପର୍ଯ୍ୟଟକମାନଙ୍କୁ ଏପରି ଏକ ସ୍ଥଳରୁଦ୍ଧ ସ୍ଥାନକୁ ନେଇପାରିଲେ ଖୁବ୍ ଲାଭବାନ୍ ହୋଇଥାଏ । ଅଭୁତ ସାଂସ୍କୃତିକ ଆକର୍ଷଣ ଯୋଗୁ ଏସ୍ଥାନଟି ପର୍ଯ୍ୟଟକମାନଙ୍କ ମନରେ ଏକ ବିଶେଷ ସ୍ଥାନ ଅଧିକାର କରିବାକୁ ସକ୍ଷମ ହୋଇଅଛି । ପର୍ବତ ଶିଖରରେ ବୌଦ୍ଧମନ୍ଦିର ଦେଖିବାକୁ ମିଳେ ଯେକି ପର୍ବତାଚ୍ଛାଦିତ ପର୍ବତମାଳାର ଛାଇରେ ଲୁଚିଯାଏ । କିନ୍ତୁ ଏଠାକାର ପ୍ରାଚୀନ ଭାସ୍କର୍ଯ୍ୟ, କାନ୍ଥରେ ନିର୍ମିତ ଚିତ୍ର ଏବଂ ବୌଦ୍ଧ ଭିକ୍ଷୁମାନଙ୍କର ଜୀବନୀ ଏବେବି ଅକ୍ଷୁର୍ଣ୍ଣ ରହିଛି । ଏସବୁ ଆକର୍ଷଣ, କଠିନଯାତ୍ରା ଏବଂ ନିମ୍ନମାନର ପର୍ଯ୍ୟଟନ ସୁଖସୁବିଧାର ଅଭାବକୁ କିଛି ପରିମାଣରେ କ୍ଷତି ପୂରଣ କରିଥାଏ । କେବଳ ପର୍ଯ୍ୟଟକମାନେ ଆଦିବାସୀ ପରିବାର ସହ ସେମାନଙ୍କର ଜୀବନଯାପନ ପ୍ରଣାଳୀ ସହ ଖାପ ଖୁଆଇ ଚଳିବା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ । ଭକ୍ତମାନଙ୍କ ପାଇଁ କାଶ୍ମୀରରେ ଅମରନାଥ, ସୁଉଚ୍ଚ ହିମାଳୟ ପାର୍ବତ୍ୟ ଅଞ୍ଚଳରେ ଉତ୍ତରାଖଣ୍ଡରେ ବଦ୍ରୀନାଥ କେଦାରନାଥ ଏବଂ ହିମକୁଣ୍ଡ ଆଦି ବିଖ୍ୟାତ ଗନ୍ତବ୍ୟସ୍ଥଳୀକୁ ବାର୍ଷିକ ଯାତ୍ରା ମଧ୍ୟ ଗ୍ରୀଷ୍ମଋତୁରେ ହିଁ ପରିଚାଳନା କରିବା ସମ୍ଭବପର ହୁଏ ।

ଅନ୍ୟ ଦିଗରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ବର୍ଷାଦିନେ ଯିବା ଅନୁଚିତ୍ । ଏହି କାରଣରୁ ଦକ୍ଷିଣ ଭାରତର ଏକ ବିରାଟ ଭାଗ ଏହାର ବିକଳ୍ପ ହୋଇପାରେ । ଏହି କ୍ଷେତ୍ର ଶୀତକାଳୀନ ପର୍ଯ୍ୟଟକମାନଙ୍କୁ ଭାରତର ଉତ୍ତରସ୍ଥ ସମତଳଭୂମିର ଭୀଷଣ ଶୀତରୁ ବଞ୍ଚାଏ ଏବଂ ଦକ୍ଷିଣ ଭାରତର ନାତିଶୀତୋଷ୍ଣ ଶୀତଋତୁକୁ ଉପଭୋଗ କରିବାର ସୁଯୋଗ ଦିଏ । ଏପରି ସ୍ଥିତିରେ ପର୍ଯ୍ୟଟକମାନଙ୍କର ପସନ୍ଦ ଋତୁଭିତ୍ତିକ ହୋଇଥାଏ ଯଦିଓ କେହି ଗୋଟିଏ କିମ୍ବା ଏକାଧିକ ଗନ୍ତବ୍ୟସ୍ଥଳୀକୁ ଭ୍ରମଣରେ ନେଇଯାଇପାରେ । ରାଜସ୍ଥାନର ଜଇସଲମୀର ବାଲୁକାସ୍ତୁପ, ଏହାର ମରୁସ୍ଥଳ ଏବଂ ଓଟ ଉତ୍ସବ ଶୀତକାଳନୀ ଭ୍ରମଣ ନିମନ୍ତେ ପ୍ରସିଦ୍ଧ ଲାଭ କରିଛି । ଗନ୍ତବ୍ୟସ୍ଥାନ ଭିତ୍ତିକ ଭ୍ରମଣ ପରିଚାଳନା ସ୍ଥାନ ଭିତ୍ତିରେ କିମ୍ବା ଏହାର ପର୍ଯ୍ୟଟକ ଆକର୍ଷଣ ନିମନ୍ତେ ସ୍ଥାନୀୟ ଅଞ୍ଚଳ ଭ୍ରମଣ କରିବାର ଇଚ୍ଛା ଉପରେ ନିର୍ଭର କରେ । ଭାରତର ଉପକୂଳବର୍ତ୍ତୀ ଗୋଆ, କେରଳ ଏବଂ ପୁରୀର ବେଳାଭୂମି ସର୍ବୋତ୍ତମ ଗନ୍ତବ୍ୟସ୍ଥଳୀ କାରଣ ଏହି ସବୁସ୍ଥାନରେ ଶାନ୍ତ ସମୁଦ୍ର କୂଳରେ ବାଲି, ଜଳମାର୍ଗ, ବ୍ୟାକ୍‌ୱାଟର୍, (ଉପହ୍ରଦ) ଓ ଜଳକ୍ରୀଡ଼ା ଆଦିର ସୁବିଧା ଉପଲବ୍ଧ ହୋଇଥାଏ । ଏହିପରି ଭାବରେ ପର୍ଯ୍ୟଟନ ପରିଚାଳନା ହିମାଳୟସ୍ଥିତ ଶୈଳନିବାସ, ମଧ୍ୟ ଭାରତର ପର୍ବତଶ୍ରେଣୀ, ପଶ୍ଚିମଘାଟ ଏବଂ ନୀଳଗିରି ପାଇଁ କରାଯାଇଥାଏ । ଏହା ଗନ୍ତବ୍ୟସ୍ଥଳ ଭିତ୍ତିକ ହୋଇଥାଏ । ଯାତ୍ରା ଏବଂ ରହଣିର ଅବଧି ପାର୍ବତୀୟ ସ୍ଥାନର ଆକର୍ଷଣ ଅନୁସାରେ ହୋଇଥାଏ ।

- ସଂପୂର୍ଣ୍ଣ ଭାବେ ପ୍ରଶିକ୍ଷତ ଟୁର୍ ଗାଇଡ୍ ଏବଂ ଟୁର୍ ମ୍ୟାନେଜର୍ ଉଭୟଙ୍କର ବ୍ୟକ୍ତିଗତ ସ୍ତରରେ କିମ୍ବା ଦଳଗତ ଭାବେ ଟ୍ରାଭେଲ ଏଜେନ୍‌ସି ଚଳାଉଥିବା କର୍ମଚାରୀମାନଙ୍କର ମଧ୍ୟରେ ଶୃଙ୍ଖଳା ରହିବା ଅତ୍ୟନ୍ତ ଆବଶ୍ୟକ ।
- ଭ୍ରମଣ ପରିଚାଳନା ସଂସ୍ଥାକୁ ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ନିଷେଧ ଅଞ୍ଚଳ ଭ୍ରମଣ ପାଇଁ ଭିସା, ପ୍ରମାଣ ପତ୍ର ବୀମା ଏବଂ ଅନୁମତି ପତ୍ର ଆଣିବାକୁ ହୋଇଥାଏ ।
- ଟ୍ରାଭେଲ ଏଜେନ୍ସି ଦ୍ୱାରା ଦିଆଯାଉଥିବା ସେବାର ଆବଶ୍ୟକତା ରହିବାପାଇଁ ହୋଟେଲ୍‌ରେ ସ୍ଥାନ ସଂରକ୍ଷଣ, ଶୟନ ବର୍ଥ କିମ୍ବା ସିଟ୍ ଆରକ୍ଷଣ, ପର୍ଯ୍ୟଟକମାନଙ୍କୁ ସମସ୍ତ ପ୍ରକାର ତଥ୍ୟ ଜଣାଇବା ପାଇଁ ହୋଇଥାଏ । ଆଜିର ବ୍ୟସ୍ତ ବହୁଳ ପର୍ଯ୍ୟଟକ ସମୟରେ ସ୍ଥାନ ସଂରକ୍ଷଣ ମାସକ ପୂର୍ବରୁ କରିବାକୁ ପଡ଼େ । ତେଣୁ ଟୁର୍ ପରିଚାଳକଙ୍କ ଦ୍ୱାରା ଦିଆଯାଉଥିବା ସେବା ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ।
- କେତେକ ଟୁର୍ ପରିଚାଳନା ପାଗର ପ୍ରତିକୂଳ ପରିସ୍ଥିତି ଯୋଗୁ ବର୍ଷର କିଛି ସମୟ ପାଇଁ ହୋଇଥାଏ ମାତ୍ର ଦ୍ୱିତୀୟ ପ୍ରକାର ଟୁର୍ ପରିଚାଳନା ବା ଆୟୋଜନ ଗନ୍ତବ୍ୟସ୍ଥଳ ଆଧାରିତ ହୋଇଥାଏ । ଏହା ପର୍ଯ୍ୟଟକମାନଙ୍କର ରୁଚି ଏବଂ ସ୍ଥାନର ଆକର୍ଷଣ ଉପରେ ନିର୍ଭର କରିଥାଏ ।
- ପର୍ଯ୍ୟଟନର ବିକାଶ ଯୋଗୁ ପର୍ଯ୍ୟଟନ ଆୟୋଜନ ଓ ପରିଚାଳନା ଗୋଟିଏ ବ୍ୟବସାୟ ରୂପ ନେଲାଣି ଏବଂ ପ୍ରଶିକ୍ଷିତ କର୍ମଚାରୀମାନଙ୍କର କାର୍ଯ୍ୟ ସୁନିର୍ଦ୍ଦିଷ୍ଟ ହୋଇଗଲାଣି ।

## ପାଠଗତ ପ୍ରଶ୍ନ ୩୧.୧

୧. ନିମ୍ନଲିଖିତ ବାକ୍ୟାଂଶଗୁଡ଼ିକର ପ୍ରତ୍ୟେକ ପାଇଁ ଏକ ଉପଯୁକ୍ତ ଶବ୍ଦ ଲେଖ ।

(କ) ହ୍ରଦ ଉପରେ ଭାସମାନ ହୋଟେଲ ।

(ଖ) ରାସ୍ତା ପାର୍ଶ୍ୱରେ ଥିବା ଛୋଟିଆ ହୋଟେଲ ଯେକି ସମ୍ମୁଖରେ କାର୍‌ପାର୍କିଂ ପାଇଁ ସ୍ଥାନ ଦେବା ସଂଗେ ସଂଗେ ଏହାକୁ ଭବିଷ୍ୟତରେ ସଂପ୍ରସାରଣ କରିବାର ଯୋଜନା ଥାଏ ।

(ଗ) ପଥ ପାର୍ଶ୍ୱରେ ଥିବା ଷ୍ଟଲ୍ ଯେଉଁଠି ଯାତ୍ରୀମାନଙ୍କୁ ଶୀଘ୍ର ପ୍ରସ୍ତୁତି ହୋଇପାରୁଥିବା ଖାଦ୍ୟ ପରିବେଷଣ କରିଥାଏ ।

(ଘ) ଗୋଟିଏ ଅଞ୍ଚଳରେ ପର୍ଯ୍ୟଟକମାନଙ୍କୁ ପର୍ଯ୍ୟଟନ ସ୍ଥଳକୁ ନେଇଯିବା ପାଇଁ ପ୍ରସ୍ତୁତ ଭ୍ରମଣ କାର୍ଯ୍ୟସୂଚୀ ।

(ଙ) ଭାରତରେ ସର୍ବ ବୃହତ୍ ଜଳ ଅରଣ୍ୟକ୍ଷେତ୍ର ଯେଉଁଠିକୁ କେବଳ ଜଳମାର୍ଗ ଦ୍ୱାରା ପହଞ୍ଚିହେବ ।

୨. (କ) ପର୍ଯ୍ୟଟକମାନଙ୍କ ଦ୍ୱାରା କୁହାଯାଉଥିବା ତିନୋଟି ରୋମାଞ୍ଚ ପୂର୍ଣ୍ଣ ବସ୍ ମାର୍ଗର ଏକ ସୂଚୀ ପ୍ରସ୍ତୁତ କର ।

(ଖ) ଆନ୍ତର୍ଜାତୀୟ ହୋଟେଲ କମ୍ପ୍ଲେକ୍ସର ଚାରୋଟି ମୁଖ୍ୟ ବିଶେଷତ୍ୱର ସୂଚନା ପ୍ରଦାନ କର ।

୩. ପର୍ଯ୍ୟଟକମାନଙ୍କର ଆଗମନ ବୃଦ୍ଧି ନିମନ୍ତେ ଚାରୋଟି ମୁଖ୍ୟ ପ୍ରୋତ୍ସାହନ କ'ଣ କ'ଣ ?

୪. ଉଚ୍ଚ ଶ୍ରେଣୀର ପର୍ଯ୍ୟଟକମାନେ ବିମାନ ଚଳାଚଳ କମ୍ପାନୀମାନଙ୍କ ଦ୍ୱାରା ଦିଆଯାଉଥିବା ରିହାତିକୁ କାହିଁକି ଖାତିର କରିନଥାନ୍ତି ?

## ତୁମେ କ'ଣ ଶିଖିଲ

ଭିତ୍ତିଭୂମି ସମ୍ବନ୍ଧୀୟ ସମ୍ବଳ ଯେମିତି କୁଶଳ ପରିବହନ ବ୍ୟବସ୍ଥା ହୋଟେଲ, ଅତିଥି ସେବା ଓ ଅନ୍ୟାନ୍ୟ ସୁଖସୁବିଧା ପ୍ରଦାନକାରୀ ସେବା ଆଧୁନିକ ପର୍ଯ୍ୟଟନ ପରିଚାଳନାର ଆଧାର । ପର୍ଯ୍ୟଟନ ସ୍ଥାନୀୟ ବା ଆନ୍ତର୍ଜାତୀୟ ଯାହା ହେଉନା କାହିଁକି ତା'ର ଅସ୍ତିତ୍ୱ ଏବଂ ବିକାଶ ସବୁବର୍ଗର ପର୍ଯ୍ୟଟକମାନଙ୍କ ପାଇଁ ରହିବା ବ୍ୟବସ୍ଥା ଉପରେ ମୁଖ୍ୟତଃ ନିର୍ଭର କରେ । ଏହାଦ୍ୱାରା ବିଶେଷ କରି ବ୍ୟସ୍ତ ଋତୁରେ ମଧ୍ୟ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକମାନଙ୍କର ଭିଡ଼କୁ ସମ୍ଭାଳି ହେବ । କମ୍ ଦୂରତ୍ୱ ବା ଅଧିକ ଦୂରତ୍ୱ ବିଶିଷ୍ଟ ସ୍ଥାନକୁ ଭ୍ରମଣ କରିବା ପାଇଁ, ଆକାଶ, ଜଳ ଓ ସ୍ଥଳ ପରିବହନ କ୍ଷେତ୍ରରେ ଉନ୍ନତି ଆଣିବାକୁ ହେବ । ପରିବହନ ପାଇଁ ବୈକଳ୍ପିକ ଜାନବାହନ ଗୁଡ଼ିକୁ ସମ୍ମିଳିତ ଭାବେ ଉପଯୋଗ କରାଯିବା ଉଚିତ୍ ଯଦ୍ୱାରା ଗୋଟିଏ ଅନ୍ୟଟିର ପରିପୂରକ ହୋଇପାରିବ ।

ପର୍ଯ୍ୟଟନ ଭଳି ଏକ ସମ୍ବେଦନଶୀଳ ସେବା ଶିଳ୍ପ ବିଭିନ୍ନ ଟୁର୍ କାର୍ଯ୍ୟକର୍ତ୍ତା ଯେମିତି ଗାଇଡ୍ ଏବଂ ଟୁର୍ ପରିଚାଳକଙ୍କର କାର୍ଯ୍ୟକୁଶଳତା ଉପରେ ସମାନ ଭାବରେ ନିର୍ଭର କରେ । ଏମାନେ ନିଜେନିଜର କର୍ତ୍ତବ୍ୟ ଜଣେ ପ୍ରଶିକ୍ଷିତ ପେଶାଦାର କର୍ମଚାରୀ ରୂପେ ନିର୍ବାହ କରିବା ଆବଶ୍ୟକ । ଏହି ଦୁଇଟି କାର୍ଯ୍ୟ ଆଜିକାଲି ସ୍ପଷ୍ଟରୂପେ ଗୋଟାଏ ଅନ୍ୟଠାରୁ ଭିନ୍ନ ଏବଂ ସୁନିର୍ଦ୍ଦିଷ୍ଟ ହୋଇଗଲାଣି । ଏ ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ କାର୍ଯ୍ୟକ୍ରମ ସହ ଧ୍ୟାନପୂର୍ବକ ପ୍ରଶିକ୍ଷର ନେବାକୁ ହେବ । ଏମାନଙ୍କୁ ପର୍ଯ୍ୟଟକ ମାନଙ୍କ ସଂପର୍କରେ ଆସିବା ପୂର୍ବରୁ ଯୋଜନାବଦ୍ଧ ଭାବରେ ପ୍ରଶିକ୍ଷଣ ଦିଆଯିବା ଉଚିତ୍ । ତା'ପରେ ଯାଇ ବିଭିନ୍ନ କ୍ଷେତ୍ରର ପର୍ଯ୍ୟଟକ ସେମାନଙ୍କ ମଧ୍ୟରେ ଅନ୍ତକ୍ରିୟା ଆରମ୍ଭ ହେବା ଆବଶ୍ୟକ ।



ଟିପ୍ପଣୀ

ଜଣେ ବିଦେଶୀ ପର୍ଯ୍ୟଟକ ନିଜ ଦେଶରୁ ଆସିବା ପୂର୍ବରୁ ଏବଂ ଭ୍ରମଣ ସାରି ନିଜ ଦେଶକୁ ଫେରିଯିବା ପର୍ଯ୍ୟନ୍ତ ଟୁର୍ ପରିଚାଳକ ଉପରେ ନିର୍ଭରଶୀଳ ହୋଇଥାଏ । ତେଣୁ ତାଙ୍କୁ ତାଙ୍କର ଭିସା, ଆବଶ୍ୟକ ପରମିଟ୍, ବୀମା, ଭ୍ରମଣସ୍ଥାନ, ହୋଟେଲରେ ରହିବାପାଇଁ ସ୍ଥାନ ସଂରକ୍ଷଣ ଓ ଯାତ୍ରାପାଇଁ ଟିକେଟ୍ ଓ ସ୍ଥାନ ସଂରକ୍ଷଣ ଆଦି ସମ୍ବନ୍ଧରେ ପୂର୍ବରୁ ସୂଚନା ଦିଆଯିବା ଆବଶ୍ୟକ ।

ଟୁର୍ ଅପରେଟର୍ ସବୁ ଶ୍ରେଣୀର ପର୍ଯ୍ୟଟକଙ୍କୁ ବିଶେଷ କରି ଋତୁଭିତ୍ତିକ ଭିଡ଼ ଥିବା ସମୟରେ ପର୍ଯ୍ୟଟକମାନଙ୍କର ଅଧିକ ସଂଖ୍ୟାକୁ ଦୃଷ୍ଟିରେ ରଖି ତାଙ୍କର ପୂର୍ବପ୍ରସ୍ତୁତି ଭ୍ରମଣ ସୂଚୀକୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିଥାଏ । ଟୁର୍ ପରିଚାଳନା ଋତୁଭିତ୍ତିକ କିମ୍ବା ଗନ୍ତବ୍ୟସ୍ଥଳ ଆଧାରିତ ହୋଇପାରେ ମାତ୍ର ବିଶେଷଭାବେ ଭିନ୍ନ ଭିନ୍ନ ଦୃଷ୍ଟିରୁ ଆକର୍ଷଣ ପର୍ଯ୍ୟଟକଙ୍କର ହିତ ସାଧନ ପାଇଁ ଚେଷ୍ଟା କରିଥାଏ । ପ୍ରକୃତ ପକ୍ଷେ ଟୁର୍ ଅପରେଟର୍ଙ୍କର ଦାୟିତ୍ୱ ପର୍ଯ୍ୟଟକ ବା ପର୍ଯ୍ୟଟକମାନଙ୍କର ଦେଶରୁ ବା ନିଜ ଘରୁ ବାହାରିବା ସମୟ ଠାରୁ ଆରମ୍ଭ ହୋଇଯାଏ । ଟୁର୍ ଗାଇଡ୍ ପର୍ଯ୍ୟଟନସ୍ଥଳରେ ହିଁ କାମ କରିଥାଏ । ଏ ଦୁଇଜଣଯାକ ଟୁର ମ୍ୟାନେଜରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମୟାନୁସାରେ କାମ କରିଥାନ୍ତି । ଏ ସମସ୍ତେ ଏବଂ ଅନ୍ୟ କେତେକ ବ୍ୟକ୍ତି ଯେଉଁମାନେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ବିଭିନ୍ନ କ୍ଷେତ୍ରରେ ଏମାନଙ୍କୁ ସାହାଯ୍ୟ କରିଥାନ୍ତି । ସମସ୍ତଙ୍କୁ ଏକ ସୁପ୍ରତିଷ୍ଠିତ ଟ୍ରାଭେଲ୍ ଏଜେନ୍ସିର ଅଂଗ ବୋଲି ଧରାଯାଏ ।

## ପାଠାନ୍ତ ପ୍ରଶ୍ନ :

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷେପରେ ଦିଅ ।

(କ) ପର୍ଯ୍ୟଟନ ପାଇଁ କଙ୍କଣ ରେଳପଥର ସମ୍ଭାବ୍ୟ କ'ଣ ?

(ଖ) ଭାରତରେ ମେଟ୍ରୋ ଟ୍ରେନ୍ ଚଳାଚଳ କେଉଁଠାରେ ଆରମ୍ଭ ହୋଇଛି ?

୨. ଟୁର୍ ଗାଇଡ୍ ଏବଂ ଟ୍ରାଭେଲ୍ ଏଜେଣ୍ଟମାନଙ୍କର ପ୍ରଶିକ୍ଷଣରେ କେଉଁ ଚାରୋଟି ଦିଗ ଅନୁସରଣ କରାଯାଏ ?

୩. ଆଗନ୍ତୁକ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ନିମ୍ନଲିଖିତ କ୍ଷେତ୍ରରେ କେଉଁ ଗୋଟିଏ ଲେଖାଁଏ ମୁଖ୍ୟ ପଦକ୍ଷେପର ଆବଶ୍ୟକତା ଅଛି ଲେଖ ।

(i) ସଡ଼କପଥ (ii) ରେଳପଥ (iii) ଆକାଶପଥ (iv) ହୋଟେଲ

୪. କେଉଁ ଚାରୋଟି ରାଜ୍ୟରେ ଏପର୍ଯ୍ୟନ୍ତ ନାରୋଗେଜ୍ ଟ୍ରେନ୍ ଚାଲୁଅଛି ? ସେଗୁଡ଼ିକ ସହାୟତାରେ କେଉଁ କେଉଁ ଶୈଳନିବାସ ଗୁଡ଼ିକରେ ପହଞ୍ଚିହେବ ?

୫. ନିମ୍ନଲିଖିତ ଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

(i) ପରିବହନ ଢ଼ଙ୍ଗ ଏବଂ ସାଧନ

(ii) ସ୍ୱର୍ଣ୍ଣ ତ୍ରିଭୁଜ ଏବଂ ସ୍ୱର୍ଣ୍ଣ ଚତୁର୍ଭୁଜ

(iii) ପର୍ଯ୍ୟଟକ ସର୍କିଟ୍ ଏବଂ ବୃତ୍ତାକାର ରେଲୱେ ଟିକେଟ୍

(iv) ଖେଳନା ଟ୍ରେନ୍ ଏବଂ ହେଲିପାଡ଼ ଟ୍ୟାକ୍ସି

ଟିପ୍ପଣୀ

(v) ଫେୟରୀ କୁଇନ୍ ଏବଂ ହିମାଳୟ କୁଇନ୍

୬. ସ୍ଥାନୀୟ ଭାବେ ଉପଲବ୍ଧ ଗାଇଡ୍ ମାନଙ୍କୁ ଅଲଗା କରିଦେବାର ପରିଣାମ କ'ଣ ହୋଇଥାଏ ? ଉଦାହରଣ ସହ ଦର୍ଶାଅ ।

## ପାଠ୍ୟବସ୍ତୁ ଆଧାରିତ ପ୍ରଶ୍ନର ଉତ୍ତର :

୧. (କ) ଶିକାରା (ଖ) ମୋଟେଲ (ଗ) କିଓସ୍କ

(ଘ) ବୃତ୍ତାକାର ଭ୍ରମଣ (ସର୍କିଟ୍ ଟୁର୍) (ଙ) ସୁନ୍ଦରବନ

୨. (କ) ମନାଲି-ଲେହ, ଦାର୍ଜିଲିଂ- ଗ୍ୟାଙ୍ଗଟକ୍, ମଦୁରାଇ- କୋଡ଼ାଇ କେନାଲ ମାର୍ଗ

(ଖ) ସମ୍ମିଳନୀ କକ୍ଷ, ଇଣ୍ଟରନେଟ୍ ସୁବିଧା ସହ ଯୋଗାଯୋଗ ବ୍ୟବସ୍ଥା, ସ୍ୱାସ୍ଥ୍ୟ କ୍ଲବ, ସର୍ଫିମଲ୍ ଏବଂ ଟ୍ରେଡ଼ିଂ ଆଉଟ୍‌ଲେଟ୍

୩. (କ) ପରିବହନ ପ୍ରଣାଳୀର କ୍ଷମତାବୃଦ୍ଧି (ଖ) ଆରାମ ଦାୟକ ସିଟ୍ ବୃଦ୍ଧି

(ଗ) ଦ୍ରୁତ ଗତି (ଘ) ଭଡ଼ାରେ ରିହାତି

୪. ସେମାନେ କାର୍ଯ୍ୟବସ୍ତ ସେମାନଙ୍କ ହାତରେ ସମୟର ଅଭାବ ଥାଏ ।

## ପାଠାନ୍ତ ପ୍ରଶ୍ନର ଉତ୍ତର :

୧. (କ) ୩୧.୧ର 'D' ଦେଖ ।

(ଖ) କୋଲକାତା ଏବଂ ଦିଲ୍ଲୀ

୨. ଅନୁଚ୍ଛେଦ ୩୧.୧ ର 'D' ଦେଖ ।

୩.(i) ବହୁ ଲେନ୍ ସଡ଼କପଥ/ ସୀମାବର୍ତ୍ତୀ ପ୍ରବେଶ ପଥଠାରେ ଔପଚାରିକତା ଏବଂ ଟ୍ରାଫିକ୍ ଭିଡ଼କୁ ଶୀଘ୍ର ଶୀଘ୍ର କମାଇବା ପାଇଁ ସଡ଼କ ପଥର ଉନ୍ନତି କରାଯିବା ଆବଶ୍ୟକ ।

(ii) ରେଳବାଇ ଆରକ୍ଷଣ ଏବଂ ଭୋଜନ ବ୍ୟବସ୍ଥା ଓ ସୁଖ ସୁବିଧାରେ ଉନ୍ନତିକରଣ

(iii) ବିମାନ ଯାତ୍ରା ନିରାପଦ, ଆରାମଦାୟକ ଏବଂ ନିୟମିତ ସମୟ ଓ ସୁନିଶ୍ଚିତ ହେବା ଆବଶ୍ୟକ ।

(iv) ଉତ୍ତମ ଆହାର ବ୍ୟବସ୍ଥା ଓ ଅତିଥିପରାୟଣତା ସେବା ପ୍ରଦାନ କରିବା ନିମନ୍ତେ କୁଶଳୀ ଏବଂ ପ୍ରଶିକ୍ଷିତ କର୍ମଚାରୀ ନିଯୁକ୍ତି ।

୪.

| **ରାଜ୍ୟ** | | **ଶୈଳନିବାସ** |
|---|---|---|
| (i) ହିମାଚଳ ପ୍ରଦେଶ | - | ସିମଳା |
| (ii) ପଶ୍ଚିମବଙ୍ଗ | - | ଦାର୍ଜିଲିଂ |
| (iii) ମହାରାଷ୍ଟ୍ର | - | ମାଥେରାନ୍ |
| (iv) ତାମିଲନାଡୁ | - | ଉଦଗମଣ୍ଡଳମ୍ (ଉଟି) |



ଟିପ୍ପଣୀ

୫. (i) ଅନୁଚ୍ଛେଦ ୩୧.୧ ଦେଖ ।

(ii) ଦିଲ୍ଲୀ- କୋଲକାତା - ଚେନ୍ନାଇ-ମୁମ୍ବାଇ-ଦିଲ୍ଲୀକୁ ପରସ୍ପର ସହିତ ସଂଯୋଗ କରୁଥିବା ରେଳମାର୍ଗକୁ ସ୍ୱର୍ଣ୍ଣ ଚତୁର୍ଭୁଜ ଏବଂ ଦିଲ୍ଲୀ-ଆଗ୍ରା- ଜୟପୁର ଏବଂ ଦିଲ୍ଲୀକୁ ପୁନଃ ଆବର୍ତ୍ତନ କରୁଥିବା ସଡ଼କ ପଥକୁ ସ୍ୱର୍ଣ୍ଣ ତ୍ରିଭୁଜ କୁହାଯାଏ ।

(iii) ଅନୁଚ୍ଛେଦ ୩୧.୧ (C) ଏବଂ (D) ଦେଖ ।

(iv) ଅନୁଚ୍ଛେଦ ୩୧.୧ ଦେଖ ।

(v) ଅନୁଚ୍ଛେଦ ୩୧.୧ ଦେଖ ।

୬. ଅନୁଚ୍ଛେଦ ୩୧.୧ (A) ଦେଖ ।